NOTE.—This is a very rare form of speech; the writer does not remember having heard it more than four or five times in thrice as many years, yet it is a convenience at times. It is used in a connection which conveys the idea of the *utmost indifference* in the mind of the speaker respecting the movements of the person spoken of; or, when used in connection with the *first* person of the verb, it indicates like indifference as to the speaker's own movements.

4. The *past conditional participle* is always used in connection with the *past definite tense* of the subjunctive mood.

Ex. 1. ମୁ ଚିଠି ଲେଖିଥିଲେ ଲେଖିଥାନ୍ତି.

I letter (if) had written might have written, *i. e.* If I had gone about it, I might have written a letter.

---

possession of my horse and was about to go (off with it) when I came suddenly upon him.

See note on Pred. Part. in Appendix.

Note.—This is of much more frequent occurrence than the preceding, and when used in connection with the *first* person of the verb, it usually conveys the idea of carelessness or thoughtlessness on the part of the speaker; as though he should say, "It really never occurred to me, or I might have done so and so" or "I really thought it a matter of no consequence, or I could have done it as well as not."

N. B. The learner must not get the impression from the above two rules respecting these two participles, that the *tenses* of the verb referred to are not used except with these participles; they are used very frequently, the *participles* are never used without these tenses; indeed their exclusive use with these two tenses would seem to indicate that they were formed expressly for them.

5. Adjectives.

1. Adjectives agree in gender with the nouns they qualify.

Note.—This rule applies only to those adjectives which have retained their Sanskrit form, (see p. 156, par. 2).

Ex. 1. ଅଳସ ପୁରୁଷ   Fem. ଅଳସା ସ୍ତ୍ରୀ
Lazy man.   Lazy woman.

Ex. 2. ଦୁରନ୍ତ ବାଳକ   Fem. ଦୁରନ୍ତା ବାଳିକା
Mischievous boy.   Mischievous girl.

2. Adjectives govern the instrumental, genitive or locative case, according to their meaning; some require the instrumental, others the genitive, and others the locative, to be used in connection with them.

Ex. 1. ପରମାନନ୍ଦ କୋପରେ ପରିପୂର୍ଣ୍ଣ ହୋଇଥିଲେ.

Paramánanda anger with filled become was, *i. e.* Paramánanda was filled with anger.

Here କୋପ is in the instrumental case governed by ପରିପୂର୍ଣ୍ଣ full (*lit.* filled).

Ex. 2. ଏହାର ତୁଲ୍ୟ ଆଉ ନାହିଁ.

Of this like more is not; *i. e.* there is none like this.

Here ଏହାର is the genitive governed by ତୁଲ୍ୟ like.

Ex. 3. ସତ୍ୟବତୀ ଶିଳ୍ପ କାର୍ଯ୍ୟରେ ବଡ଼ ନିପୁଣ.

Satyabati fancy work in very skilful (is). *i. e*, Satyabati (is) very skilful in fancy work.

Here କାର୍ଯ୍ୟ is in the locative case governed by ନିପୁଣ

6. Conjunctions.

1. In all ordinary cases the conjunctions are used in Oriya precisely as in English.

2. When two nouns in the same case are connected by a conjunction the first drops the case ending.

Ex. 1. ବୋଇଦା ଓ ରାମର ବିବାଦ ହୋଇଅଛି.

Boydá and Ráma's quarrel become is; *i. e.* Boydá and Ráma have quarrelled.

Ex. 2. ବିଦ୍ୟା ବା ଧର୍ମରେ ଉନ୍ନତି.

Science or religion in advanced.

3. Some conjunctions have their corresponding conjunctions; and these frequently follow each other in different members of the sentence.

Ex. 1. ଯଦ୍ୟପି ସେ ଶପଥ କରି କହେ, ତଥାପି ଆମ୍ଭେ ବିଶ୍ୱାସ ନ କରିବା ।

Though he oath done says, yet I faith not will do, *e.* though he swear it, yet I will not believe (it).

Note 1.—ଯଦି is often used as ଯଦ୍ୟପି in connection with ତଥାପି ।

Note 2.—The adverbs of time ଯେବେ *when*, and ତେବେ *then*, are used similarly, and this has led some to look upon them as synonyms of ଯଦି and ତଥାପି. The mistake arises from the fact that the Oriyas use 'when' and 'then' idiomatically where we use 'if' and 'then.'

7. Postpositions.

1. Postpositions govern the genitive case either expressed or understood.

Ex. 1. ଆମ୍ଭର ସକାଶେ ତାହାଙ୍କୁ ଛାଡ଼.
My sake for him release.

Ex. 2. ତାହା ଅନୁସାରେ କରା ଯାଇଅଛି.
That according to done gone is, *i. e.* It has been done according to that.

Here the ର of the genitive in ତାହା is not expressed this omission is made for euphony, and also for purposes of combination, and it would more properly be written ତାହାନୁସାରେ.

Note 1.—In a few instances the practice of writers does not agree; as in the use of ବିନା-ଭିନ୍ନ-ବ୍ୟତିରେକ *besides;* some writers using the genitive in connection with these postpositions, and others the crude oblique form. The writer is of the opinion that when the genitive is not expressed it is always understood.

Note 2.—Some grammarians insist upon the use of the *accusative* with ପ୍ରତି *towards.* It is true this is the Sanskrit rule, but it is equally true that it has not been retained in Oriya, and it would, therefore, seem to be a useless and pedantic exception to make, as the people *invariably* use the *genitive* with ପ୍ରତି ।

8. INTERJECTIONS.

Interjections of course take the vocative case.

Ex. 1. ହେ ପ୍ରଭୋ । O, Lord.

Ex: 2. ଅରେ ରାମ । Ho! Ráma.

NOTE.—The interjection ଧିକ୍ is an exception; it usually takes the accusative.

Ex. 1. ମୋର ଜୀବନକୁ ଧିକ.

My life to shame!

Ex. 2. ଆମ୍ଭକୁ ଧିକ.

Me to shame! or Fie! on me.

CHAPTER VIII.

MISCELLANIES.

In this chapter a variety of specimens of Oriya is given, instead of a lengthy and necessarily dry discussion of Prosody; such as examples of "Easy and Familiar phrases," of "Prose and Poetry," "Cutcherry Oriya," &c,. which, it is hoped, will be of much more practical use to the learner.

SECTION 1.

Easy and Familiar sentences.

ରହ	Stop.
ଚଲି ଯାଅ	Go on.
ଚୁପ୍ କର	Be silent.
ସେ କେ ?	Who (is) he ?
ସେହି କି ?	What (is) that ?
ସାବଧାନ କର	Take care.
ସାବଧାନ ହୁଅ	Be careful.
ଦ୍ୱାର* (or କୋବାଠ) ବନ୍ଦ କର	Shut the door.
ଦ୍ୱାର ଫିଟାଅ (or ଫିଟାଇ †ଦିଅ)	Open the door.

---

* These two words are not synonyms, ଦ୍ୱାର means the *passage* only, କୋବାଠ the *door* which fills the passage, *nevertheless they are often used indiscriminately.*

† This form is evidently a vulgarism, borrowed from similar phrases where *two acts* are performed; as in ସେହି ହତିଆର ଆଣି ଦିଅ Bring and give that tool; here two acts (a bringing and a giving) are done, but in such phrases as the one above but one act is performed, *i. e.* an opening; though vulgar, it is a very common form of speech.

କିପାଁଇ ଗୋଳମାଳ କରୁଅଛ ?	Why are you making a noise ?
ତୁମ୍ଭେ କେବେ ଯିବ ?	When will you go ?
ତୁମ୍ଭେ କେତେବେଳେ ଯିବ ?	At what time will you go ?
ସେ ଯାଇଅଛି କି ?	Has he gone ?
ସେ ଗଲାଣି	He has gone *already*.
ଆମ୍ଭେ କାଲି ଆସିଲୁଁ	I came yesterday.
ଶୀଘ୍ର ଯାଅ ।	Go quickly.
ବସ	Sit down (lit. sit).
ତୁମ୍ଭେ କି ଚାହଁ ?	What do you wish ?
ତୁମ୍ଭର ସଙ୍ଗେ କେହି ଅଛି କି ?	Is any one with you ?
ତୁମ୍ଭର ସଙ୍ଗେ କେ ଯାଇଥିଲା ?	Who went with you ?
ବର୍ଷା ହେଉଅଛି or ମେଘ ପକାଉଅଛି	It is raining.
ଶୀଘ୍ର ଚାଲ ।	Walk quickly.
ଧୀରେ ଚାଲ	Walk slowly.
ଧୀରେ ୨ ଯାଅ	Go very slowly.
ଏଠାରେ ଆସ (vul ଏଠିକି ଆ)	Come here.
ସେଠାରେ ଯାଅ (vul ସେଠିକି ଯା)	Go there.
ଏ କି ଠିକ ଅଛି ?	Is this right ?
ହେବାକୁ ପାରେ ।	(It) may be.
ସେ ଥାଉ ।	Let it alone.
ସେହି ଅତି ଅନ୍ୟାୟ ।	That (is) very unjust.
ତୁମ୍ଭେ କି ଲେଖିବାକୁ ପାର ।	Can you write ?
ସେ କି ପଢ଼ିବାକୁ ଜାଣେ ?	Does he know how to read ?
ସେହି କଥା କି ସତ୍ୟ ?	Is that true ?
ତାହା କେ କହେ ?	Who says that ?
ତୁ କିପାଁଇ ହସୁଛୁ ?	Why are you laughing ?
ସେହି ପିଲା କାହିଁକି କାନ୍ଦୁଛି ?	Why is that child crying ?
କାନ୍ଦ ନା ।	Don't cry.

କେଉଁଠାକୁ ଯାଉଛ ? କୋଠିକି* ଯାଉଛୁ ? vul.	Where are you going ?
କେବେ ଆସିବୁ ?	When will (you) come ?
କାଲି କେତେବେଳେ ?	At what time to-morrow ?
ତୁମ୍ଭର ବାପ କି ଆସିଅଛନ୍ତି ?	Has your father come ?
କେବେ ଆସିଥିଲେ ?	When did he come ?
ଗତକାଲି ଚାରିଟା ସମୟରେ ।	Yesterday, at four.
ବଡ଼ ଗ୍ରୀଷ୍ମ (or) ଖରା ।	(It is) very hot.
ତୁମ୍ଭର ଛତା ଅଛି କି ?	Have you an umbrella ?
ଆମ୍ଭର ଛତା ନିଅ ।	Take my umbrella .
କାଲି ଫେରାଇ ଦେବ ।	You will send it back (or give it back) to-morrow.
କିଛି ପ୍ରୟୋଜନ ନାହିଁ ।	There is no necessity.
ବେହେରାକୁ ଡାକ ।	Call the bearer.
ସେ ଆସିଲାଣି ।	He has come (already).
ତାକୁ ଡାକି ପଠାଅ (or ଡକାଅ)	Send for him.
ସେ କି ଆସିଛି ?	Has he come ?
ଅନୁମତି ବିନୁ ତୁ କିପାଁଇ ଘରକୁ ଯାଇ ଥିଲୁ ।	Why did you go home without permission ?
ଆଉ ସେ ପ୍ରକାର କରିବ ନାହିଁ ।	Don't do so again.
ଆମ୍ଭର ଲୁଗା ତୟାର୍† କର ।	Get my clothes ready.
ପାଣିବାଲା ସ୍ନାନ କରିବାର ଜଳ ଆଣିଛି କି ?	Has the waterman brought bathing water ?
ତୌଲିୟା କାହିଁ ?	Where (is the) towel ?
ପୁଣି ସାବୁନ କାହିଁ ?	And where (is the) soap ?
ଆମ୍ଭର ଯୁତା ନେଇ ଆସ ।	Bring my shoes.

* In Northern Orissa କେଠିକି.

† Hindustani, but incorporated into Oriya, and in common use; the proper orthography is ତୈୟାର, but it has become corrupted to the form given above.

ତୁ କପାଁଇ ସଫା କରିନାହୁ ?	Why have you not cleaned (them) ?
ଆଜକାଲି ତୁ କର୍ମରେ ବଡ଼ ଢିଲା କରୁଛୁ	Lately you are getting very careless.
ତୋତେ ଜରିମାନା କରିବାକୁ ହେବ।	You must be fined.
ମଇଳା ଲୁଗା ଧୋବାକୁ ଦେଇଛୁ କି ?	Have you given the soiled clothes to the washerman ?
ସେ କେବେ ଆଣିବ ?	When will he bring (them ?
ତାହାକୁ କହ ଆମ୍ଭେ ବୁଧବାର ଦିନେ ଚାହୁଁ ?	Tell him I want them on Wednesday.
ସବୁ କାମିଜକୁ* ଭଲ କରି† ଇସ୍ତ୍ରିକର ।	Iron all the shirts well.
ସବୁ ତୌଲିଆ ଧୋଅ (or ଧୁଅ)	Wash all the towels.
ମୋର ସବୁ କାଲର କାହିଁ ?	Where are all my collars ?
ତୁ କେତେ ମୋଜା* ଲେଇ ଯାଇଥିଲୁ ?	How many socks (or stockings) did you take ?
ଲୁଗା ଏତେ ଡେରି କରି ଆଣିଛୁ କପାଁଇ?	Why have you brought the clothes so late ?
ଯେ ପଲଙ୍ଗ ଚାଦର ଗତ ହପ୍ତାରେ ଲେଇଥିଲୁ ସେଇ କାହିଁ ?	Where is the sheet you took last week ?
ଏହି ସକଳ ରୁମାଲ କେବେ ଦେବୁ ?	When will you give these handkerchiefs ?
କାଲି ଆମ୍ଭର ଦୁଇ କାମିଜ ଲେଇ ଆସ ।	Bring two of my shirts to-morrow.
ଏହି କୁର୍ତ୍ତୀ ଭଲ ଇସ୍ତ୍ରି କରା ଯାଇ ନାହିଁ ।	This coat is not well ironed.
ଏଥର ତୁ ଛଅଟା ବୋତାମ ଭାଙ୍ଗି ପକାଇଛୁ ।	This time you have broken off and lost six buttons.

---

* Hindustani.

† The expression ଭଲ କରି is equivalent to ଭଲରୂପେ, and though the latter is more elegant, the former is mo1e common.

ତୋର ହିସାବ ଠିକ ନାହିଁ, ଆମ୍ଭେ ଦଶଂଟା ମେଜ ତୌଲିୟା ଦେଇଥିଲୁଁ ।	Your account is not right, I gave you ten napkins.
ଯଦି ତୁ କର୍ମ ଅଧିକ ଭଲ ନ କରୁ, ଆମ୍ଭେ ଅନ୍ୟ ଧୋବାକୁ ଡାକିବୁଁ ।	Unless you do better work, I will call another washer-man.
ଯାନ ଘୋଡ଼ାକୁ ଆଣିବାକୁ ସଇସକୁ ବୋଲ ।	Tell the groom to bring the poney.
ସେ ଘାସ କାଟିବାକୁ ଯାଇଛି ।	He has gone to cut grass.
ଆଚ୍ଛା, ସେ ଆସିଲେ ତୁ କହିବୁ ।	Well, tell him when he comes.
ଘୋଡ଼ା ବଡ଼ ମଲିୟା ଦିଶୁଛି ।	The horse looks dirty.
ତୁ ଜିନ ଲଗାମ ସଫା କରିନାହୁଁ ।	You have not cleaned the saddle and bridle.
ଏମନ୍ତ କର୍ମ କରିଲେ ଆମ୍ଭେ ତୋତେ ରଖିବା ନାହିଁ ।	If you do such work as this, I will not keep you.
ଘୋଡ଼ାକୁ ବୁଲାଅ ।	Walk the horse about.
ଏବେ ସଇସଖାନାକୁ ନେଇ ଯାଅ ।	Now, take (him) to the stable.
ଆଜ ରାତ୍ରି ପାହନ୍ତାକୁ* ଆସିବାକୁ ହେବ ।	You must come at dawn to-morrow.
ଘୋଡ଼ାକୁ ସଫା କରି, ଦାନା ଦେଇ ପ୍ରସ୍ତୁତ କରି ରଖ ।	Clean the horse, give him his gram, and have him in readiness (for me).
ଯାଅ, ନାଲବନ୍ଦକୁ ଡାକ ।	Go, call the horse-shoer.
ତାହାକୁ ବୋଲ ଯେ ଏହିମାସ ଆଉ ଟିକି ମୋଟା ନାଲ ଦେବାକୁ ହେବ ।	Tell him that he must give heavier shoes this month.

* The natives reckon from dawn to dawn, so what, in English idiom, would be Tuesday at dawn, would be, in Oriya, Monday dawn. The above sentence ଆଜରାତ୍ରି ପାହନ୍ତା lit. translated is "To-day night end at" or in Eng. id. "To-morrow at dawn."

ଖିଦ୍‌ମତଗାର,* ଆମ୍ଭକୁ ଏକ ପିଆଲା ଚହା ଦିଅ ।	Butler, give (me) a cup of tea.
ଖବର କାଗଜ* ଦିଅ ।	Give (me) the newspaper.
ଏଢେବେଳେ ବଜାରରେ କ ୨ ଫଳ ମିଳେ ।	What fruits can be had in bazar now?
କମଳାଲେମ୍ବୁ ଓ କଦଳୀ କିଣି ଲେଇ ଆସ ।	Buy and bring some oranges and plantains.
ଖାନା* ଲେଇ ଆସ ।	Bring the dinner.
ନିଆଁ ଜଳାଅ ।	Kindle a fire.
ଜଳ ଗରମ କର ।	Heat water.
ମେଜ* ଲଗାଅ ।	Set the table.
ବାସନ ସବୁ କାହିଁ ।	Where are all the plates?
ଏହି ପିଆଲା କେ ଭାଙ୍ଗିଲା ?	Who broke this cup?
କେତେ ଚାମଚ ଅଛି ?	How many spoons are (there)?
ସବୁ କଣ୍ଟା ଅଛି କି ?	Are all the forks (here)?
ଆମ୍ଭକୁ କାରି ଭାତ ଦିଅ ।	Give me curry and rice.
ପିଇବାର ଜଳ ଦିଅ ।	Give (me) a drink of water.
ଏ ମଖନ * ବଡ଼ ମଇଲା * ।	This butter (is) very dirty.
କେତେ ରୋଟି ଆଣିଥିଲୁ ।	How many loaves did (you) bring?
ଗୌଡ଼କୁ ବୋଲ ଯେ ଏହି ଦୁଧ ଖଟା ହୋଇ ଯାଇଛି ।	Tell the milkman that this milk has gone sour.
ପୁଡ଼ିଂ କର ନାହୁଁ କିପାଇଁ ?	Why have you not made a pudding?
ଖାନା କିଛି ଭଲ ନାହିଁ ।	The dinner is not nice.
କାଲି ଦୁଇ ଜଣ ସାହେବ ଓ ମେମ ଆମ୍ଭର କୁଠିରେ ଖାନା ଖାଇବେ ?	To-morrow two ladies and gentlemen will dine here.

* Hindustani.

କାଲ୍ ହାଜର ଲାଗି ମାଛ ଚାହୁଁ ।	To-morrow I wish fish for breakfast.
ଆମ୍ବ କୌଠି ରଖିଛୁ ?	Where have you put the mangoes?
କେତେ ଆଳୁ ବଜାରରୁ ଆଣିଲୁ ।	How many potatoes have you brought from the bazar?
ଛୁରିକୁ ସଫା କର, ବଡ଼ ମଳିଆ ହୋଇଛି।	Clean the knives, (they) are very dirty.
ଏହି ବୋଲ୍ ଧୋଇ ଖାନସାମାକୁ* ଦେଇ ଚିନିରେ ଭର୍ତ୍ତି କରିବାକୁ ବୋଲ୍ ?	Wash this bowl, and give it to the butler, and tell him to fill it with sugar.
ଚପରାଶୀର ହାତେ ଏହି ଚିଠି ଡାକ ଘରକୁ ପଠାଇ ଦିଅ (or ପଠାଅ)	Send this letter to the P. O. by the chapprassie.
ଡାକ ଆସିଛି କି ?	Has the mail come?
ତୁ ଯା, ଡାକ ମୁନସିକୁ ପଚାର ଆମ୍ଭର ଚିଠି ଅଛି କି ନାହିଁ ।	Go you, and ask the post-master if there are any letters for me.
କେତେ ଘଣ୍ଟା ବାଜିଛି ?	What time is it?
ବଡ଼ ଉଚ୍ଛୁର ହୋଇଛି ।	It is very late.
ଉଚ୍ଛୁଣି ଆମ୍ଭକୁ ଯିବାକୁ ହେବ ।	I must go immediately.
ପଙ୍ଖା ବେହେରା କାହିଁ ।	Where is the punkha-puller?
ପଙ୍ଖାକୁ ଟାଣିବାକୁ ବୋଲ (or କହ)	Tell (him) to pull punkha.
ଧୀରେ ଟାଣ ।	Pull gently.
ଜୋର୍ କରି ଟାଣ ।	Pull with force.
ଆଉ କେତେ ଦିନ ଗ୍ରୀଷ୍ମ ହେବ ।	How much more hot weather will there be?
ତାହାର ପରେ କି ହେବ ?	After that what will be?
ବର୍ଷା କାଳ ହେବ, ଆଉ କି ?	The rainy season will be, what else?

* Hindustani.

ତୋର ଘର କୌଁଠି* ?	Where do you live?
ସେହି ଗ୍ରାମ କେଉଁ ଆଡ଼େ ? ସେଇ ଗାଁ କୌଆଡ଼େ ? Vulg.	In what direction is that village?
କୌଣସି ସହରର ନିକଟେ ଥିବ ।	It will probably be near some city.
କଟକଠାରୁ କେତେ ଦୂର ହେବ ?	How far is it from Cuttack?
ସେଠାରେ କି ସାହେବ ଲୋକ ଥାନ୍ତି ?	Do any Europeans reside there?
ସେମାନେ କି୨ କର୍ମ କରନ୍ତି ?	What work do they do?
ସରକାରି ଲୋକ ଭିନ୍ନ କି ଆଉ କେହି ନାହିଁ ?	Are there none but Govt. officials?
ହଁ, ନୀଳ ସାହେବ ଓ କାଣ୍ଟ୍ରାକ୍ଟର ସାହେବ ଅଛନ୍ତି ।	Yes, there are Indigo planters and contractors.
ଏଠାରେ କି ଭଲ ପଣ୍ଡିତ ମିଳିବ ?	Can a good pundit be had here?
ସେ କି୨ ଭାଷା ପଢ଼ାଇବାକୁ ପାରନ୍ତି ?	What languages can he teach?
ଆଚ୍ଛା, ଆମ୍ଭେ ଓଡ଼ିଆ ଭାଷା ଶିଖିବାକୁ ଚାହୁଁ	Well, I wish to learn Oriya.
କାଲି ତାହାଙ୍କୁ ଡାକି ଆଣ ।	Bring him to-morrow.
ସେ କେତେ ବର୍ତ୍ତନ ମାଗନ୍ତି ?	How much wages does he ask?
ପ୍ରତି ମାସେ ୧୦ ଟଙ୍କା	Ten rupees per month.
ନଦୀରେ ବହୁତ ଜଳ ଅଛି ।	There is much water in the river.
ବନ୍ୟା ହେଲେ ହେବାକୁ ପାରେ ।	We may have a flood.
ଏବରସ ଅନେକ ଫସଲ† ହେବ ।	There will be a large crop this year.
ବିଲରେ ଧାନ ବଡ଼ ଭଲ ଦିଶୁଛି ।	The rice in the fields looks very well.

* In N. Orissá କେଠି is used.

† Hindustani.

ଆଉ ଟିକି ଜଳ ହେଲେ ଭଲ ହୁଅନ୍ତା ।	A little more water (or rain) would do good.
ଆମ୍ଭେ ଶୁଣିବାକୁ ପାଉ ଯେ ବାଘ ବଡ଼ ମାରୁଛି ।	I hear the tigers are doing much damage.
ଏବେ ବନରେ ବଡ଼ ଭୟ ଅଛି ।	There is much danger (lit. fear) in the jungle just now.
ଗତମାସ ପାଞ୍ଚ ଲୋକ ମାର ପଡ଼ିଛି ।	Last month five persons were killed.
ଚାଲ, ଆମ୍ଭେମାନେ ବାଘ ଶିକାର କରବାକୁ ଯାଉଁ ।	Let us go and shoot (or hunt) tigers.
ଲୋକମାନେ ବନ ପିଟିବେ କି ?	Will the people beat the jungle ?
ହାଁ, ସ୍ୱଚ୍ଛନ୍ଦେ ତାହା କରବେ ।	Yes, *that* they will do willingly.
ବେହେରା ଆମ୍ଭର ବନ୍ଧୁକ ଲେଇ ଆସ । ଗୁଳିଆଦ୍ଦ, ସବୁ ସାଜ ଆଣ ।	Bearer, bring my gun. Bullets, &c, and all appurtenances.
ଆମ୍ଭକୁ ବାଲେଶ୍ୱରକୁ ଯିବାକୁ ହେବ ।	I must go to Balasore.
ଏକ ପାଲକିର ଡାକ ବସାଅ ।	Lay a dak for one palkey.
ଆଠ ଜଣ ବେହେରା, ଦୁଇ ଜଣ ବାହୁଙ୍ଗିବାଲା ଆଉ ଏକ ମସାଲଚି ପ୍ରୟୋଜନ ହେବ ।	I shall require eight bearers, two bahungy-wallahs, and one mussalchi.
ପ୍ରତ୍ୟେକ ଚୌକିପାଇଁ ଏକ ୧ ଟଙ୍କା ବଇନା ଦେଇ ଆସ ।	Give one rupee advance for each stage.
କାଲି ଉପରଓଳି ଚାରି ଘଣ୍ଟା ସମୟରେ ଯିବାକୁ ଚାହୁଁ ।	I wish to go at 4 o'clock to-morrow afternoon.
ସାବଧାନ କର, ଯେମନ୍ତ କୌଣସି ଗୋଲମାଲ ନ ହୁଏ ।	Take care that there be no confusion.
ବେହେରା ଲୋକ ସକଳ ଠିକ ସାଢ଼ିତିନ ଘଣ୍ଟା ସମୟରେ ଆସିଲେ ସେମାନଙ୍କର ଲାଭ ହେବ ।	If the bearers are all here at $3\frac{1}{2}$ o'clock precisely, they will gain by it.

କାଲି ସନ୍ଧ୍ୟାବେଳେ ଖାନା ପ୍ରସ୍ତୁତ କରିବାକୁ ଡାକ ବଙ୍ଗାଲାର ଖିଦମତ ଗାରକୁ ହୁକମ ଦେଇଯାଅ ।	As you go tell the khidmutgar at the dak bungalow to have dinner ready to-morrow evening.
ସର୍ଦ୍ଦାର, ଆମ୍ଭର ପେଟେରା ତୟାର କର	Sirdar, get my boxes ready.
ଆମ୍ଭେ ସେଠାରେ ଦଶ ଦିନ ରହିବା ।	I shall stay there ten days.
ସାବଧାନ, ଆମ୍ଭର ଲୁଗା ଯେହ୍ନେ କମ ନ ପଡ଼େ ।	Take care that I have enough clothes.
ତୁମ୍ଭେ ବରଣ୍ଡାରେ ଶୁଅ, ପୁଣି ଘ୩ଣ୍ଟା ସମୟରେ ଆମ୍ଭକୁ ଜଗାଅ (or ଉଠାଅ)	Sleep on the verandah, and call me at 3 o'clock.
ଦର୍ଜୀକୁ ଡାକ ।	Call (the) tailor.
ଏହି ଲୁଗା ନେଇ, ଦୁଇଟା କାମୀଜ* ବନାଅ	Take this cloth and make two shirts.
ଏହି ବୋତାମ ଲଗାଅ ।	Sew this button on.
ତୋର ସିଲାଇ ବଡ଼ ମୋଟା ।	Your sewing is very coarse.
ଆମ୍ଭର କୁର୍ତ୍ତୀ ମରାମତ* କର ।	Mend my coat.
ତୋର ପାଖରେ କେତେ ସୁତା ଅଛି ?	How much thread have you?
ସେହି ସାୟା* ନିକାଶ ହୋଇଛି କି ?	Is that skirt finished?
କେତେ ଛୁଞ୍ଚି ଆଣିଛୁ ?	How many needles have you brought?
ଏହାକୁ ବେଷ୍ଟ କରି ନ ଥିଲୁ କିପାଁଇ ?	Why did you not baste this?
ଏହି ଫରକ୍ ଆଜି ନିକାଶ କରିବାକୁ ହେବ ।	This frock must be finished to-day.
ଯେ ରେଶମ ସୁତା ସକାଳେ ତୋତେ ଦେଲୁଁ ସେ କାହିଁ ?	Where is the sewing silk (I) gave you this morning?

---

* Hindustani.

ଆଜ ତୁ ବଡ଼ ଉଚ୍ଛୁର କରି ଆସିଥିଲୁ, ଡେରି କରି ଯିବାକୁ ହେବ ।	To-day you came late, so you must go late.
ଛଅଟା ପେଣ୍ଟାଲୁନ୍ ବନାଇବାକୁ କେତେ ଲୁଗା ଲାଗିବ ?	How much cloth will it take to make six pantaloons ?
ସାହେବଙ୍କର କୁର୍ତ୍ତୀ ମରାମତ କରିନାହୁ କିପାଁଇ ?	Why have you not mended the sahib's coat ?
ସେଇ ସିଲାଇ କିଛି ଭଲ ନାହିଁ ।	That sewing is not good.
ତୋତେ ଆହୁରି ଯତ୍ନ କରିବାକୁ ହେବ ।	You must take more pains.
ତୁ କେତେ ଦିନ କାର୍ଯ୍ୟ କରିଛୁ?	How many days have you worked ?
ବେହେରା, ତୁ କାଲି ଆସି ନ ଥିଲୁ କିପାଁଇ?	Bearer, why did you not come (to work) yesterday ?
ଆଚ୍ଛା, ବଦଳି ଦେବାକୁ ଉଚିତ ଥିଲା ।	Well, you ought to have sent a substitute.
ଘରର ସବୁ ସାଜକୁ ପୋଛ ।	Wipe all the furniture.
ଛୋଟା ହାଜରିକୁ ଆଣିବାକୁ ବୋଲ ।	Tell (the butler) to bring chotahazari.
ଦର୍ଜୀର ଘରକୁ ଯାଇ ତାହାକୁ ଆଜ ଆସିବାକୁ ବୋଲ ।	Go to the tailor's house and tell him to come to-day.
ସବୁ ବତିରେ କେବେ ତେଲ ଦେଇ ଥିଲୁ?	When did (you) fill the lamps ?
ବତି ସକଳ ଏତେ ମଳିଆ କାହିଁପାଇ ?	Why are all the lamps so dirty ?
ସାହେବଙ୍କୁ ସାଲାମ* (or ନମସ୍କାର) ବୋଲ ?	Give the sahib a salutation.
ତାହାଙ୍କର ସଙ୍ଗେ ଆମ୍ଭର କଥା ଅଛି ।	I wish to speak with him.
ଏ ଚିଠି କେ ଆଣିଲା ?	Who brought this letter ?
ସଲାମ ଦିଅ, ପଛେ ଜବାବ ଦେବା ।	Give a salam, I will send an answer by and bye.

* Hindustani.

ଦିବାରାତ୍ରି ପଙ୍ଖା ଚାହୁଁ, ବେହେରା ଲାଗି ହୁକମ* ଦିଅ । — I wish punkha day and night, give the orders for bearers (to pull).

ମେହନ୍ତରକୁ ପଚାର ସେ ଆମ୍ଭର ଚାବି ପାଇଅଛି କି ନାହିଁ । — Ask the sweeper if he has found my keys.

ବାକ୍ସବାଲାକୁ କହ, ଯେ ଆଜି ଆମ୍ଭେ କିଛି ନ ଚାହୁଁ । — Tell the pedlar I do not wish anything to-day.

ସାହେବଙ୍କର ଦପ୍ତରଖାନାରେ ସକଳ ପୁସ୍ତକକୁ ସଜାଅ । — Straighten all the books in the sahib's study.

ଘରକୁ* ଯିବାର ସମୟରେ ଧୋବାକୁ ବୋଲ, ଯେ କାଲି ସବୁ ଲୁଗା ଆଣିବାକୁ ହେବ । — When you go home tell the dhoba that he must bring all the clothes to-morrow.

Note.—In spelling words of doubtful orthography in the above sentences, the writer has followed Dr. Sutton's method; though in some instances he would have preferred a change, yet he thought it best to follow an accepted authority.

SECTION 2.

1. *Ordinary Cutcherry Phrases.*

ଆଜି କ ୨ କାର୍ଯ୍ୟ (or କର୍ମ) ଅଛି ? — What work is there to-day?

ଦରଖାସ୍ତ ଓ ନାନା ପ୍ରକାର କର୍ମ ଆଗେ ହାଜର କର । — Bring up the petitions and miscellaneous work first.

କେତେ ମକଦ୍ଦମାରେ ଶାକ୍ଷୀ ଉପସ୍ଥିତ ଅଛି ? — In how many cases are witnesses present?

କ ୨ ମାମଲା ଆଜି ଶୁଣାଯିବାର ଲାଗି ନିର୍ଦ୍ଧାରିତ ଅଛି ? — What cases are appointed for hearing to-day?

---

* Hindustani.

ଆଉ ସବୁ ବାକି ମକଦମାର ଓ୍ଆରଣ୍ଟ ଇତ୍ୟାଦି ଓ୍ୟାପସ ପ୍ରାପ୍ତ ହୋଇ ଅଛି କି ନାହିଁ ।	Have the returns of process been received in the rest?
ସବ୍‌ଇନସ୍ପେକ୍ଟର ଏହି ସବୁ ଓ୍ଆରେଣ୍ଟ ଯାରି ନ କରିବାର କାରଣ କିଫିଅତ ଦେଇ ଅଛନ୍ତି କି ନାହିଁ ?	Has the Sub-Inspector of Police explained his failure to execute these warrants?
ଫରିଯାଦି (or ମୁଦଇ or ବାଦି) ଉପସ୍ଥିତ ଅଛି କି ? ତାହା ନୋହିଲେ ମକଦ୍ଦମାକୁ ଖାରିଜ କରିବାକୁ ହେବ ।	Is the prosecutor present? If not, the case must be dismissed.
କାହାର ବିପକ୍ଷରେ ନାଲିଶ କରୁଛ ? ତୁମ୍ଭେ କେଉଁ ଅପରାଧରେ ତାହାଙ୍କର ଉପରେ ନାଲିଶ କର ?	Against whom do (you) complain? Of what offence do you complain?
ଅପରାଧ କେଉଁଠାରେ ଘଟିଥିଲା ?	Where was the offence committed?
କେବେ ?	When? (*i. e.*, on what day?)
କେତେବେଳେ ?	At what time? (*i. e.*, what hour of day?).
ସବୁ ଆସାମି ମିଳି କି ସେହି ଅପରାଧ କରି ଥିଲେ ?	Did all the accused take active part in the offence?
ସେମାନେ ସେ ପ୍ରକାର କର୍ମ କରିଥିଲେ କାହିଁକି ?	Why did they behave thus?
ତୋର ଘରରୁ ସେମାନଙ୍କର ଘର କେତେ ଦୂର ?	How far from your house do they live?
ସେମାନେ କି ତୋର କୁଟୁମ୍ବ ?	Are they your relatives?
ପ୍ରତିବାଦି ଏହାର ପୂର୍ବେ ଆଉ କୌଣସି ମକଦ୍ଦମାରେ ଦୋଷି ହୋଇଥିଲା କି ?	Has the accused been convicted of any offence before?
ସେ କି ପ୍ରକାର ଦଣ୍ଡ ପାଇଥିଲା ?	How was he punished?
ଏ ମକଦ୍ଦମାର ନଥି ଠିକ ଅଛି କି ?	Is the record of this case in order?

Odia	English
ଫଏସଲ୍ଲ, ଓ ନିଷ୍ପତ୍ତି କାହିଁ ?	Where are the decision and finding ?
କାଲି ଯେ ଜରିମାନା ଲାଗି ଆଜ୍ଞା ଦେଇ ଥିଲୁଁ, ତାହାର ଆଦାୟ ନିମନ୍ତେ ଓଆରେଣ୍ଟ ଯାରି ହୋଇଅଛି କି ନାହିଁ?	Has a warrant been issued to levy the fine I inflicted yesterday ?
ପୋଲିସ କିଫିଅତର ସଙ୍ଗେ ଆପଣାର ରେଜିଷ୍ଟରର ଯେ ଅନୈକ୍ୟତା ଖୁଆଡ଼ ମୁହରିର ବୁଝାଇ ଦେଇ ଅଛନ୍ତି କି ନାହିଁ ?	Has the pound-keeper explained the discrepancy between his Register and the Police Report ?
ଏଠାରୁ କଟକ କେତେ ଦୂର ?	How far is it from this to Cuttack ?
ସେଠାକୁ ଯିବାର ଲାଗି ଜଳ ପଥ ଅଛି କି ?	Can you go by water ?
ବାଟ କେମନ୍ତ ?	How is the road ?
ଓଭରସିୟରଙ୍କୁ କାଲି ଆମ୍ଭର ପାଖରେ ପଠାଇ ଦିଅ ।	Send the overseer to me to-morrow.
ମରାମତିର ଏଷ୍ଟିମେଟ (or କତ) ମଞ୍ଜୁର ହୋଇ ଅଛି କି ନାହିଁ ?	Have the estimates for the repairs been sanctioned ?
ସାମାନ୍ୟ ମରାମତି ଫି ମାଇଲକୁ କେତେ ପଡ଼ିବ ?	At what rate per mile can petty repairs be effected ?
ଏ କର୍ମରେ କେତେ ଖରଚ ହୋଇଛି ପୁଣି କେତେ ଟଙ୍କା ବାକି ଅଛି, ରୋକଡ଼ ବହି ଓ ଖତିୟାନ ଲେଇ ଆସି ଆମ୍ଭକୁ ଦେଖାଅ ।	Bring the Cash Book and Ledger, and show me how much has been already spent in this work, and what balance is in hand.
ଓଭରସିୟରଙ୍କର ଏଷ୍ଟିମେଟକୁ କେହି ଶରେ ଜମୀନ ଯାଇ ତଦାରକ କରିଅଛି କି ନାହିଁ ?	Has any one by local inspection checked the overseer's estimates ?
କର୍ମ କେବେ ମପା ଯାଇ ଥିଲା ? or ଶେଷ ଥର କର୍ମର ମାପ କେବେ ହୋଇ ଥିଲା ?	When was the work measured last ?

ଠିକାଦାରର ହିସାବ ସବୁ ଠିକ ଅଛି କି ?

Are the calculations in the contractor's bill correct?

ବାକି ଟଙ୍କା ଦେଇ ସବୁ ହିସାବ କାଟି ଦିଅ ।

Let the amount be paid, and account closed.

ଗତ ଦୁଇ ମାସର ଚଳିତ ନିରଖ ଆଣି ଦେଖାଅ ।

Bring me the price currents for the last two months.

କୌଣସି ଅଭାବର ଜନରବ ହୋଇଛି କି ?

Have any rumours of a scarcity been reported?

ଏହି ହପ୍ତା ନୁନର ଭାଉ ଟ ୫୲ ଙ୍କା, ଗତ ହପ୍ତାରେ ଟ ୫ ଙ୍କା ଥିଲା, ଏହାର କାରଣ କି ?

Salt this week is Rs. 5/8, last week it was Rs. 5/ per maund; how can this be accounted for?

ଡାଲିର ଭାଉ ବଢ଼ିଛି, ପୋଲିସ ଏ ବିଷୟରେ ସନ୍ତୋଷକରରୂପେ ବୁଝାଇ ଅଛନ୍ତି କି ?

The price of pulses has gone up; do the Police explain this satisfactorily?

ଏମନ୍ତ ଅନିଶ୍ଚିତ ଜବାବ ଗ୍ରାହ୍ୟ ହେବ ନାହିଁ, ନିମ୍ନ ଲେଖିତ ବିଷୟରେ ସ୍ପଷ୍ଟ କରି ବୁଝାଇବାକୁ ହେବ ।

Such an explanation is too indefinite; the following points should be elucidated.

ଖଜାନା ଘରେ ନଗଦ ଟଙ୍କା, ଆଉ ନୋଟ କେତେ ଅଛି ?

What cash is in the treasury, and what the value of the notes?

କାଲିକାର ନଗଦ ଟଙ୍କାର ଚୁମ୍ବକ ହିସାବ ଆମ୍ଭକୁ ଦେଖାଅ ।

Show me the cash abstract for yesterday.

ଏକ ଶ ଟଙ୍କା ଉପରକୁ ଆମ୍ଭର ହୁକୁମ ବିନା ଆଉ କୌଣସି ନୋଟ ତୁମ୍ଭେ ଲେବ ନାହିଁ ।

Refuse to cash any notes over Rs. 100 in value, without my special orders.

ଅଫିମ ଗୋଦାମର ଷ୍ଟେଟ ଡେପୁଟି ଏଜଣ୍ଟ ପେଶଗି ଟଙ୍କା ଦେବାର ଲାଗି ଆଉ କେତେ ଟଙ୍କା ଲେବାକୁ ପାରେ ?

How much more can the Sub-Depty. Opium agent draw to pay his advances?

ପୁନର୍ବାର ତାହାଙ୍କର ବରାତ କେବେ ହେବ, ଆଉ କେତେ ଟଙ୍କା ଲାଗି ବରାତ ହେବ ?	When is he expected to draw on this treasury again, and for what amount ?
ମନି ଆର୍ଡ଼ର ଏଜେଣ୍ଟ ଜାମୀନ ଦେଇ ଅଛନ୍ତି କି ?	Has the money order agent given security ?
ଜାମୀନ ଖତ କାହିଁ ? ଆମ୍ଭକୁ ଦେଖାଅ ।	Where is the bond ? shew it to me.

2. Police Court Phrases.

ସବ୍ ଇନ୍‌ସ୍ପେକଟରକୁ ଡାକ ।	Call the Sub-Inspector.
ଆଜି କି ୨ ମକଦ୍ଦମା ଅଛି ?	What cases are there to-day ?
ଡକାଇତି ମକଦ୍ଦମା କେବେ ତଦାରକ ହୋଇଥିଲା ?	When was the dacoity case investigated ?
କିଏ ତଦାରକ କରିଥିଲା ?	Who investigated (it) ?
ତୁମ୍ଭେ କି ଆପେ ଯାଇଥିଲ ?	Did you go in person ?
ତହିଁରେ କି ହେଲା ।	What was the result ?
ଡକାଇତଙ୍କ ମଧ୍ୟରୁ କେହି ଧରା ପଡ଼ି ଅଛି କି ନା ?	Have any of the dacoits been apprehended ?
ସାକ୍ଷିମାନେ କି ଆସି ପହୁଞ୍ଚି ଅଛନ୍ତି ?	Have the witnesses arrived ?
ଶୁଣାଣିବା ନିମନ୍ତେ ମକଦ୍ଦମା କେବେ ତୟାର ହେବ ?	When will the case be ready for a hearing ?
ଅଚ୍ଛା, ଶୀଘ୍ର ହାଜର କର ।	Well, present it without delay.
କନଷ୍ଟବଲମାନଙ୍କ ସଙ୍ଗରେ ଡକାଇତମାନେ ମାରପିଟ କରିଥିଲେ ।	The dacoits assaulted the Police force.
କେହି କି ଆଘାତ ପାଇଅଛି ?	Has any one been injured ?
ଅଚ୍ଛା, ସେମାନଙ୍କୁ ହସପେଟାଲକୁ ନେଇ ଯାଅ, ଆଉ ଏହି ଚିଠୀ ଡାକ୍ତର ସାହେବଙ୍କୁ ଦିଅ ।	Well, take them to the hospital, and give this letter to the Doctor.

ତୁମ୍ଭେ କି ଜାଣ ନାହିଁ ଯେ, ମାରପିଟ ଅପରାଧ ପୋଲିସର ଗ୍ରାହ୍ୟ ନୁହେ ?

Do you not know that assault is not an offence cognizable by the police ?

ଡକାଇତଙ୍କ ମଧ୍ୟରୁ ବାଦୀ କାହାରିକୁ ଚିହ୍ନି ଅଛି କି ନାହିଁ ?

Were any of the dacoits, recognized by the complainant ?

ଚୋରିମାଲର କିମତ କେତେ ଥିଲା ?

What was the value of the property stolen ?

ପରୀକ୍ଷା ନିମନ୍ତେ ଡାକ୍ତର ସାହେବଙ୍କ ନିକଟକୁ ଲାସ ପଠା ଯାଇଅଛି କି ନାହିଁ ?

Has the corpse been sent to the Civil Surgeon for *post mortem* examination ?

ରାମସିଂହ କନଷ୍ଟବଲର ବିରୁଦ୍ଧରେ ଯେଉଁ ଘୋଷ ନେବାର ଅପବାଦ ହୋଇଥିଲା, ତଦ୍‌ବିଷୟରେ ମାଜିଷ୍ଟ୍ରେଟ ସାହେବ କିରୂପ ନିଷ୍ପତ୍ତି କରିଅଛନ୍ତି ?

What has been the Magistrate's decision in the case in which constable Ram Sing was charged with having taken a bribe ?

ହତ୍ୟାକାରୀ ଜଣା ପଡ଼ିଅଛି କି ନାହିଁ ?

Has the perpetrator of the murder been discovered ?

ଚୋରି ମକଦ୍ଦମାର ଶେଷ ରିପୋର୍ଟ ସବ୍‌ଇନ୍‌ସ୍ପେକ୍ଟରର କି ଫାରମରେ ଦେଇଥିଲା ?

In what form has the Sub-Inspector submitted the final report of the theft case ?

ଚାନ୍ଦିପୁରଠାରେ କାଲି ଯେ ଝୁସ-ଯୋକ୍ରାନ ହୋଇଥିଲା, ସେ କି ଏଠାକୁ ପଠା ଯାଇଅଛି ?

Has the illicitly manufactured salt that was seized yesterday at Chandipore been sent in ?

ତୁମ୍ଭେ କି ସବ୍‌ଇନ୍‌ସ୍ପେକ୍ଟରକୁ ଚିଠା-ଦେଇ ଜଣାଇଅଛ ଯେ, ଥାନା-ଠାରେ ଯଦି କୌଣସି ଶାନ୍ତିଭଙ୍ଗ

Have you written the Sub-Inspector that if there is any breach of the peace

ହୁଏ ତେବେ ତାହାଙ୍କୁ ଜବାବଦାୟୀ ହେବାକୁ ହେବ ? — at Puri he will be held responsible for the consequences ?

କାଲି ଯେଉଁ ପଥିକ ମରି ଯାଇଥିଲା, ତାହା ପାଖରୁ ଯେ ସବୁ ମାଲମାଲ ମିଳେ, ସେ ସବୁ ଜଜ ସାହେବଙ୍କ ଅଦାଲତକୁ ପ୍ରେରଣ କରା ଯାଇ ଅଛି କି ନାହିଁ ? — Has the property that was found on the traveller who died yesterday been sent to the Judge's Court?

ଦାନ୍ତୁନଠାରୁ ପ୍ରେରିତ ଲାଉଆରସୀ ଗାଈ ବିଷୟରେ ମାଜିଷ୍ଟ୍ରେଟ ସାହେବଙ୍କ ହୁକୁମ ନେବାକୁ କୋର୍ଟ ଇନ୍ସ୍ପେକ୍ଟରକୁ କୁହ । — Tell the Court Inspector to take the Magistrate's orders regarding the unclaimed cow sent in from Dantoon.

ଜେହେଲ ଖାନାରୁ ଫେରାର ହୋଇଥିବା ଦୁଇ ଜଣ କଇଦୀର ହୁଲିୟା ସବୁ ପୋଲିସ ଇଷ୍ଟେସନକୁ ପ୍ରେରଣ କରା ଯାଇ ଅଛି କି ନାହିଁ ? — Have the description rolls of the two prisoners who escaped from the jail been sent to all the Police Stations ?

ତୁମ୍ଭ ବନ୍ଧୁକରେ କି ଗୁଳୀ ଭର୍ତ୍ତି ଅଛି ? — Is your musket loaded with ball ammunition ?

ଆଜ ସକାଳେ ତୁମ୍ଭେ ପେରେଡରେ ହାଜର ଥିଲ କି ନାହିଁ ? — Did you attend parade this morning ?

ଯେତେବେଳେ ମାଜିଷ୍ଟ୍ରେଟ ସାହେବ ତୋ ଆଗେ ଦେଇ ଚାଲି ଗଲେ, ତେତେବେଳେ ତୁ ବନ୍ଧୁକ ଉଠାଇ କିପାଇଁ ତାହାଙ୍କୁ ସନ୍ମାନ ନ କଲୁ ? — Why did you not present arms when the Magistrate passed in front of your post ?

ହାଲ ବାହାଲୀ କନଷ୍ଟବଲମାନେ ପେରେଡ କର୍ମରେ ନିପୁଣ ହୋଇ ଅଛନ୍ତି କି ନାହିଁ ? — Are the recruits proficient in their drill ?

ଗତ ରାତ୍ରିରେ ତୁମ୍ଭେ ପ୍ରହରମାନଙ୍କୁ ଦେଖି ଆସିଥିଲ କି ନାହିଁ ? — Did you visit all the guards last night ?

ଯେ ଟଙ୍କା କଲିକତାକୁ ପ୍ରେରଣ କରା ଯିବ, ତାହାଙ୍କ ପ୍ରହରୀ ପ୍ରସ୍ତୁତ ଅଛନ୍ତି କି ନାହିଁ ?	Is the escort for the treasure that is to go Calcutta ready ?
ଇନ୍‌ସ୍ପେକଟରକୁ ବୋଲ ଯେ, ସେ ବାଟ ଖରଚ ପାଇବାକୁ ପାରିବ ନାହିଁ ?	Tell the Inspector he is not entitled to travelling allowance.
ପୋଷାକ ଲାଗି କନଷ୍ଟବଲମାନଙ୍କ ଦର-ମାହାରୁ ଟଙ୍କା କଟା ଯାଇଛି କି ନାହିଁ ?	Have the deductions for uniform been made from the pay of the constables?
ଏହାଠାରୁ ଭଲ କୁର୍ତ୍ତି କି ତୋଠାରେ ନାହିଁ ?	Is that the best "jumper" you have in your possession ?
ପୋଲିସ କର୍ମକାରକର ଜୁନ ମାସର ବେତନ ଖାଜଣାଖାନାରୁ ଅଣା ଯାଇ ଅଛି କି ନାହିଁ ?	Has the pay of the force for June been drawn ?
ଛୁଟୀ ନ ନେଇ ଗତ ତିନଦିନ ତୁ କିପାଇଁ ଅନୁପସ୍ଥିତ ଥିଲୁ ?	Why were you absent without leave for the last three days ?
କେତେ ଦିନ ହେଲା ତୁ ପୋଲିସ କର୍ମରେ ଅଛୁ ।	How long have you been in the Police force ?

NOTE.—The orthography of words incorporated from the English is not settled ; so that in a few instances, the same word will be found spelled differently.

SECTION 3.

Specimens of Cutcherry writings.

---

1. *Order of Nuanam.*

(Form in which all orders are issued.)

ହୁକୁମ ସାହେବ କଲେକ୍ଟର ।

ମହତ୍‌-ଉପଯୁକ୍ତ ଶ୍ରୀ ନୀଳମାଧବ ଦତ୍ତ ତହସିଲଦାର ତାଲୁକେ
ନୟାନନ୍ଦ ପ୍ରଗନେ ସେନାଓତ୍‌ କୁଶଲରେ ଥିବ ।

ଉକ୍ତ ତାଲୁକର ଅନ୍ତର୍ଗତ ସନ୍ତ୍ରପୁର ମୌଜାର ନୂତନ ପ୍ରଜା ହେନରି ଦାସ, କଣ୍ଡୁରୁ, ସପନା ଓ ବଳରାମର ଗତ ମାର୍ଚ୍ଚମାସ ତା ୩ ରଖ ଲେଖିତ ପ୍ରାର୍ଥନା ପତ୍ର ଅଜରେ ହଜୁରରେ ପେସ ହେବାରୁ ବଦିତ ହେଲା ଯେ, "ପ୍ରାର୍ଥନାକାରି-ମାନେ ଉକ୍ତ ମୌଜାର ଯେଉଁ ସ୍ଥାନରେ ବାସ କରୁଅଛନ୍ତି ସେହି ସ୍ଥାନର ନାମ 'ବାମ୍‌ସ୍‌ ସାହି' ବୋଲି ରଖିବାର ପ୍ରାର୍ଥନା କରୁ ଅଛନ୍ତି"। ଏଥିକୁ ପ୍ରାର୍ଥନା-କାରିମାନଙ୍କ ପ୍ରାର୍ଥନାନୁସାରେ ଉକ୍ତ ସ୍ଥାନର ନାମ "ବାମ୍‌ସ୍‌ ସାହି" ବୋଲି ରଖା ଯିବାର ବିହିତ; ଅତଏବ ତୁମ୍ଭ ପ୍ରତି ଆଦେଶ ହେଉଅଛି ଯେ, ତୁମ୍ଭେ ଉପରୋକ୍ତ ମୌଜାର ଯେଉଁ ଭାଗରେ ଉଲ୍ଲେଖିତ ପ୍ରଜାମାନେ ବାସ କରୁଅଛନ୍ତି, ସେହି ସ୍ଥାନର ନାମ "ବାମ୍‌ସ୍‌ ସାହି" ବୋଲି ସାଧାରଣ ଲୋକଙ୍କୁ ଜଣାଇ ଦେବ, ଓ ଆବଶ୍ୟକ ସମୟରେ ସରକାରି କାଗଜ ପତ୍ରରେ ମଧ୍ୟ ସେହି ନାମ ଲେଖିବ, ଇତି ।

ତା ୨୦ ରଖ ଅପ୍ରେଲ ସନ ୧୮୭୨ ମସୀହା ।।

2.—*Ordinary rubakáry*

(or proceeding of Collector's Court.)

ସୋବକାରି କଚେରି କଲେକ୍ଟରି ଏଜଲାସ ଶ୍ରୀଯୁତ ଜାନ୍‌ ବାମ୍‌ସ୍‌ ସାହେବ କଲେକ୍ଟର ଜିଲେ ବାଲେଶ୍ୱର ତା ୩ ରଖ ମାହେ ଜୁନ ସନ ୧୮୭୨ ମସୀହା ।

ଓଡ଼ିଶା ଡିଭିଜନର ମହାମାନ୍ତ୍ରିବ ଶ୍ରୀ କମିଶନର ସାହେବଙ୍କ ସନ ହାଲ ମଇ ମାସ ତା ୩୦ ରଖ ଲେଖିତ ନ ୬୧ ମ୍ବର ଚିଠୀ ପହୁଞ୍ଚି ଜଣା ଗଲା କି, ଏ କଚେରିର ମଇ ମାସ ତା ୧୪ ରଖ ଲେଖିତ ନ ୧୪୩ ମ୍ବର ଚିଠୀରେ ନୟାନନ୍ଦ ତାଲୁକର ଉଭଁ-

ହୁଆ ଓଗେର ନକଲ ତୟାର କରିବା ନିମନ୍ତେ ଯେଉଁ ଠିକା ମହୋରରମାନଙ୍କ ସକାଶ ରିପୋର୍ଟ ହୋଇଥିଲା, ତାହା ଏହି ସର୍ତ୍ତରେ ଆଉ ଛମାସ ସକାଶ ମଞ୍ଜୁର ହୋଇଅଛି ଯେ ଉକ୍ତ ସମୟ ମଧ୍ୟରେ ଠିକା ମହୋରରମାନେ ସମସ୍ତ କର୍ମ ଟ ୩୨୦ ଙ୍କାରେ ନିକାଶ କରି ଦେବେ ।

ବଜେଟରେ ଖାସ ମାହାଲର କଣ୍ଟିଂଜେଣ୍ଟ ଟ ୧୧୪୪ ଙ୍କା ଯାହା ମଞ୍ଜୁର ହେବା ନିମନ୍ତେ ଯାଇଅଛି ତାହାର ମଞ୍ଜୁରୀ ପହୁଞ୍ଚିଲେ ସେହି ଟଙ୍କାରୁ ଖରଚ ପଡ଼ିବ ଓ ମଞ୍ଜୁର ନ ହେବା ପର୍ଯ୍ୟନ୍ତେ ଏ ଟଙ୍କା ଖରଚ ନ ହେବ ।

ଯେହେତୁ ଶ୍ରୀ କମିଶନର ସାହେବଙ୍କ ହୁକୁମ ମୁତାବକ କର୍ମ ଅଞ୍ଜାମ କରା ଜରୁର ; ଅତଏବ

ହୁକୁମ ହେଲା କି ।

ଠିକା ମହୋରରମାନଙ୍କୁ ଆଉ ଛଅମାସ ନିମନ୍ତେ ମକୁରର କରା ଯାଉ ଯେ ବଜେଟ ଟଙ୍କାର ମଞ୍ଜୁରୀ ପହୁଞ୍ଚିଲେ ସେମାନଙ୍କ ମସାହେରା ନିସବତରେ ମନାସିବ ହୁକୁମ ସାଦର ହେବ ଓ ଉପର ଲେଖିତ ଆଦେଶାନୁସାରେ ପରୁଆନା ଜାତ ଠିକା ମହୋରର ଓ ମହାଫିଜ ଓ ଏକାଉଣ୍ଟେଣ୍ଟ ନାମରେ ଜାରି ହେଉ, ଇତି ।

3.—*Diary of a district Kanungoe.*

(Shewing what he has done on a given day.)

ଦୈନିକ କର୍ମର ବିବରଣ ।

ତା ୧୨ ରିଖ ମାହେ ଜୁନ ସନ ୧୮୭୨ ମସୀହା ମୁତାବକ ଦ ୩୨ ନ ମାହେ ଜ୍ୟୈଷ୍ଠ ସନ ୧୨୭୯ ସାଲ ରୋଜ ବୁଧବାର ମୁକାମ ବାଲେଶ୍ୱର ।

୧ । ଚଳିତ ମାସ ତା ୧୦ । ୧୧ ରିଖର ରୋଜ ନାମଚର ନକଲ ଶ୍ରୀହଜୁରକୁ ପଠିଆ ଯାଏ ।

୨ । ଗତ ମଇ ମାସର ଶସ୍ୟାଦି ଓ ଫସଲ କୋରଖାର ମାସକବାର ପ୍ରେରିତ ହୁଏ ।

୩ । ସଦର କାନୁନଗୋଇଙ୍କ ଇତଫାକରେ ସରକଟ ହାଉସ ଓ ଲାଇନର ପରେଠ ପଦା ଅନ୍ତର୍ଗତ ବନମାଳିଯାଗା, ଓଗେର ଲାଖରାଜଦାରଙ୍କ ଭୂମି ଚିହ୍ନତର ନକସା ଓ କୈଫିୟତ ଏବଂ ଜରିବ କାଗଜ ଇତ୍ୟାଦି ପ୍ରସ୍ତୁତ କରା ଯାଏ ।

୪ । ପ୍ରଗନେ ଦଶମଲଙ୍ଗ *ମୌଜେ ଜୟଦେବ କସବା ଓ ବଡ଼କୟା ଗ୍ରାମର ନିବାସୀ ରଘୁନାଥ ଦେ ଓ ପ୍ରହ୍ଲାଦ ଦାସ ଓଗେର ପ୍ରଜାମାନେ ଜୟଦେବ

ତାଲୁକର ଜମିଦାରମାନଙ୍କ ସମୀପରେ ଉପସ୍ଥିତ ହୋଇ ନିଷ୍ପତ୍ତି କରିବା କାରଣ ହୁକୁରର ପ୍ରଦାନିତ ନ ୧୬୦ ମ୍ବର ପରୁଆନା ପ୍ରଜାମାନଙ୍କ ଦେଇ ସେମାନଙ୍କ ରସିଦ୍ ଉପୋଷ୍ଟ ଯୋଗେ ରସାଲ ହୁଏ ।

୫ । ପ୍ରଗନେ ଭଲସୁବଙ୍ଗ ମୂଳୁ ଷୋଡ଼ମସୁର ସାକନ ଯଗୁପ୍ରହରତା ଓଗେରେ ମୁଜହ୍ଲରମାନେ ଚଳିତ ମାସ ତା ୮ ରଖରେ ହୁକୁରରେ ହାଜର ହେବା ସକାଶ ନ ୧୬୦ ମ୍ବର ମତଫର୍କା ମୋକଦମା ବାବତ ନ ୮୪ ମ୍ବର ପରୁଆନା ପ୍ରାପ୍ତ ଓ ମୁଜହ୍ଲରମାନଙ୍କୁ ତାହାର ମଜମୁନ ବୁଝାଇ ଦେଇ ପରୁଆନା ତାମିଲ କରା ଯାଏ ।

୬ । ପ୍ରଗନେ ଦଶମଲଙ୍ଗ ଜୟଦେବ ତାଲୁକର ହରେକୃଷ୍ଣପାତର ଓ ଭଗବତ ଭୂୟାଁ, ପଟୁଆରମାନଙ୍କୁ ହୁକୁରକୁ ପଠାଇ ଏମାଦାର ନ ୮୫ ମ୍ବର ପରୁଆନା ତାମିଲ କରା ଯାଏ ।

୭ । ବୁଢ଼ାବଲଙ୍ଗ ନଦୀ ପାର୍ଶ୍ୱସ୍ଥ ପରମିଟ ଘାଟ ନିମନ୍ତେ ଯେ, ବେଶି ଜମି ନିଆ ଯାଇଅଛି ସେ ଜମିର ମାଲିକ ସହିତ ମୂଲ୍ୟ ରଫା କରିବା ମାଦାର ନ ୮୬ ମ୍ବର ପରୁଆନା ପ୍ରାପ୍ତ ହୁଏ ।

୮ । ଆଜିରେ ବୃଷ୍ଟି ହୋଇଥିବାରୁ ସର୍ବସାଧାରଣଙ୍କ ପକ୍ଷରେ ଉତ୍ତମ ହୋଇଅଛି ।

୯ । ଉଲ୍ଲେଖିତ ବୃଷ୍ଟି ହେତୁରୁ ଏଥିପୂର୍ବ ଓ ସମ୍ପ୍ରତି ଯେଉଁ ଧାନ୍ୟ ଶସ୍ୟର ବୀଜ ବପନ ହୋଇଥିଲା ଉତ୍ତମରୂପେ ଗଛ ହେବାର ସୁବିଧା ଦେଖା ଯାଏ ।

୧୦ । ନଦୀ କୂଳସ୍ଥ ଗ୍ରାମମାନଙ୍କରେ ଆମ୍ବଗଛମାନ ଖରା ହେତୁରୁ ଯେ ଦୁର୍ବଳ ହେଉଥିଲା ତାହା ପ୍ରତି ଉପକାର ଦର୍ଶିଅଛି ।

୧୧ । ଯେ କର୍ଷଣ ଭୂମିରେ ହଳ ଚଳୁ ନ ଥିଲା ସେଥିରେ ହଳ ଚଳିବାର ସୁବିଧା ହେଲା ।

4.—*Notice of demand in rent suit.*

୨୧ । ଧାରା ଲେଖିତ "ଘ" ଚିହ୍ନିତ ତପସିଲ

ନୋଟିଶ ।

ବନାମ ।

ଶ୍ୟାମସୁନ୍ଦର ମଙ୍ଗରାଜ ସରବରାକାର ମୌଜେ ଇନ୍ଦ୍ରଆ ତାଲୁକେ ଜୟାନନ୍ଦ ପ୍ରଗନେ ସେନାଓଟ ପ୍ରଭବାସୀ ।

ଯେହେତୁ ଶ୍ରୀମତୀ ମହାରାଣୀ ମୁଦେଇଅଟର ମୌଜାମଜକୁରର ବାକୀ ଖାଜଣା ଓ ତକାବୀ ବାବତ ଟଙ୍କା ପାଇବା ମୋକଦ୍ଦମାରେ ଟ ୨୦୦୧ ଙ୍କା

ତୁମ୍ଭ ଉପରେ ପାଉନା ହେଉଅଛି, ଅତଏବ ବଙ୍ଗାଲା ଦେଶର ମନ୍ତ୍ରି ସଭାଧିଷ୍ଠିତ ଶ୍ରୀଯୁତ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାହେବଙ୍କ ସନ ୧୮୬୮ ସାଲ ୭ ଆଇନର ୧୮ ଧାରା ମତେ ଆଜ ଆପଣା କଚେରୀରେ ନ ୩ ମ୍ବର ସାର୍ଟିଫିକେଟ ଅର୍ପଣ କରି ଅଛୁଁ, ଏବଂ ଆଇନାନୁସାରେ ଅବଲମ୍ବରେ ସେହି ଟଙ୍କା ଆଦାଏ କରିବାରେ ପ୍ରବୃତ୍ତ ହେଲୁଁ, ଏହା ତୁମ୍ଭ ଜାଣିବା ନିମନ୍ତେ ଲେଖିଲୁଁ, ଇତି ।

ତା ୨୦ ଋଷ ମାହେ ମଇ ସନ ୧୮୭୨ ମସୀହା ।।

5.—*Order to Tasildár to serve notice on defendant.*

ହୁକୁମ ସାହେବ କଲେଟର ।

ନ ୨୦ ମ୍ବର ୭ ଆଇନ ମୋକଦ୍ଦମା ।

ମହତ-ଉପଯୁକ୍ତ ଶ୍ରୀନୀଳମାଧବ ଦତ୍ତ ତହସିଲଦାର ତାଲୁକେ
ନୟାନନ୍ଦ ପ୍ରଗଣେ ସେନାଓତ କୁଶଳରେ ଥିବ ।

ଶ୍ରୀମତୀ ମହାରାଣୀ .. .. ବାଦିନୀ ।
ଶ୍ୟାମସୁନ୍ଦର ମଙ୍ଗରାଜ ସରବରାକାର ମୌଜେ ଇନ୍ଦ୍ରଆ
ତାଲୁକେ ମଜକୁର .. .. .. ପ୍ରତିବାଦୀ

ମୌଜାମଜକୁରର ବାକୀ ଖଜାଣା ଓ ତକାବୀ ବାବତ
ଟ ୨୦୦ ଙ୍କା ଆଦାଏ କରାଯିବାର ମୋକଦ୍ଦମା ।

ଆଜ ତାରିଖ ହୁକୁମ ମୁତାବକ ଏ ପଛୁଆନା ସମ୍ବଳିତ ଉକ୍ତ ମୋକଦ୍ଦମାର ଏକ କିତା ନୋଟିଶ ତୁମ୍ଭଠାକୁ ପଠା ଯାଇ ଲେଖା ଯାଉଅଛି ଯେ, ତୁମ୍ଭେ ଉକ୍ତ ନୋଟିଶକୁ ଜାରି କଲା ପରେ ନୋଟିଶ ଜାରିର ମିଆଦ ଏକ ମାସ ଗତ ହେଲେ ଅନ୍ୟ ହୁକୁମର ଅପେକ୍ଷା ନ କରି ବାକୀ ଅନାଜରେ ମୁଦାଲ୍ଲା ମଜକୁରର ଜାଏଦାଦ କୋରକ କରି ତହିଁର ଇତଲା ହଜୁରକୁ ପଠାଇବ ଯେ, ମାଲ ନିଲାମୀ ପକ୍ଷରେ ବିହିତ ହୁକୁମ ସାଦର ହେବ; ଇତି ।

ତା ୨୦ ଋଷ ମାହେ ମଇ ସନ ୧୮୭୨ ମସୀହା ।।

6.—*Summons to witness.*

ମହକୁମେ ଅଦାଲତ କଲେକ୍ଟରେ
ଜଲ୍ଲା ବାଲେଶ୍ୱର ।

ସମନ ।

ମୁସମ୍ମି ଗଗନବିହାରୀଦାସ ସାଃ । ମେଜେଜକରଲ୍ୟପାଳ ପ୍ରଗନେ
ଅରଙ୍ଗବାଦ .. .. ମୁଦେଇ ।
ମୁସମ୍ମି ଚନ୍ଦ୍ରଶେଖର ଦାସ ସାଃ । ହରିପୁର ପ୍ରଃ । କସଲଖଣ୍ଡ .. ମୁଦାଲା ।

ବନାମ ।

ମୁସମ୍ମି ନାରାୟନ ପ୍ରସାଦ ଦାସ ସାଃ । ଆଖଡ଼ାସାଲ ପ୍ରଗନେ
ସୁନହଟ .. .. ଗୋହା ।

ଜାଣିବା ଉଚିତ ଯେହେତୁ ଏ ମୋକଦ୍ଦମାରେ ମୁଦେଇ ତୁମ୍ଭଙ୍କୁ ଆପଣା ପକ୍ଷରୁ ସାକ୍ଷୀ ମାନିଅଛି; ଅତଏବ ତୁମ୍ଭ ନାମରେ ଏ ସମନଦ୍ୱାରା ତାକିଦ ହୁକୁମ ହେଉଅଛି ଯେ, ତୁମ୍ଭେ ସନ ୧୮୭୬ ମସୀହା ଜୁଲାଇ ମାସ ତା ୬ ଋଖ ମୁତାବକ ସନ ୧୨୭୯ ସାଲ ଆଷାଢ଼ ମାସ ଦି ୨୦ ନ ରୋଜ ମଙ୍ଗଳବାର ବେଲ ଦଶ ଘଣ୍ଟା ସମୟରେ ଏ ଅଦାଲତରେ ହାଜର ହୋଇ ସାକ୍ଷ ଦେବ, ଏବଂ ହାଜର ଦିନଠାରୁ ରୋଖସତ ପାଇବା ପର୍ଯ୍ୟନ୍ତ ପ୍ରତି ଦିନ ହାଜର ହେଉଥିବ ଏମାନରେ ବଶେଷ ତାକିଦ ଜାଣିବ । ତା ୧୬ ଋଖ ମାହେ ଜୁନ ସନ ୧୮୭୬ ସାଲ ।

7.—*Service of execution of decree.*

(ସନ ୧୮୫୯ ସାଲର ୧୦ ଆଇନ ନକଶା ।)

ଆସାମି ଉପରେ ଡିକ୍ରୀଜାରି ପଲୁଆନା ।

ବାଲେଶ୍ୱର ।

ମୁସମ୍ମି ଅନନ୍ତ ପ୍ରସାଦ ଦାସ ସାଃ । ଗଗନପୁର ପ୍ରଃ ।
କଲେଶ୍ୱର .. .. ଫରିୟାଦୀ ।
ମୁସମ୍ମି ହରଶଙ୍କର ଦାସ ସାଃ । କରଞ୍ଜିଆ ପ୍ରଃ । ଭେଡ଼ା .. ଆସାମି ।

ସେଖ ଅବଦୁଲ ରହେମାନ କଲେକ୍ଟର ସାହେବଙ୍କ କଚେରୀ ନାଜର ପ୍ରତି ଆଗେ ଏ ଅଦାଲତର ସନ ୧୮୭୧ ସାଲ ମାର୍ଚ୍ଚମାସ ତା ୩୦ ଋଖର ଡିକ୍ରୀ ମୁତାବକ

ହରିଶଙ୍କର ଦାସ ଆସାମି ମଜକୁରଙ୍କୁ ହୁକୁମ ହୋଇଥିଲା ଯେ ସେ ଫରିୟାଦୀ ମଜକୁରଙ୍କୁ ଟ ୫୦ ଙ୍କା ଓ ମୋକଦ୍ଦମାର ଖରଚ୍ ଟ ୧୦ ଙ୍କା, ଗାଏ ଟ ୬୦ ଙ୍କା ଦେବ; କିନ୍ତୁ ବର୍ତ୍ତମାନ ଜଣାଗଲା ଯେ, ହରିଶଙ୍କର ଦାସ ଆସାମି ମଜକୁର ଉକ୍ତ ଟଙ୍କା ଦେଇ ନାହିଁ; ଅତଏବ ତୁମ୍ଭ ପ୍ରତି ହୁକୁମ ହେଲା କି, ହରିଶଙ୍କର ଦାସ ଆସାମି ମଜକୁରଙ୍କୁ ଗିରଫ୍ତାର କରି ତାହା ପ୍ରତି ଆଇନାନୁସାରେ ହୁକୁମ ହେବା ଲାଗି ତାଙ୍କୁ ଶୀଘ୍ର ଏ ଅଦାଲତରେ ହାଜର କରିବ । ତା ୧୦ ରିଖ ମାହେ ଜୁନ ୧୮୭୨ ସାଲ ।।

8.—*Summons to Defendant.*

(୧୮୫୯ ସାଲ ୧୦ ଆଇନ ନକସା ।)

ଆସାମି ଉପରେ ସମନଜାରି ପରୁଆନା ।

ନ ୨୪ ମ୍ବର ମୋକଦ୍ଦମା ୩ ତାରିଖ ମାହେ ଅପ୍ରେଲ ସନ ୧୮୭୦ ମସୀହା ।

ସମନ କରେର କଲେଟରୀ ।

ଜିଲେ ବାଲେଶ୍ୱର ।

ମୁସମ ହରିଦାସ ସାଃ । ହରିପୁର ପ୍ରଃ । ସୁନହଟ । . . . . ଫରିୟାଦୀ ।

ମୁସମି କରୁଣାକର ସେନ ସାଃ । ସରସ୍ୱତୀପୁର ପ୍ରଃ । ଆରମଲା । . . ଆସାମି ।

ଯେହେତୁ ହରିଦାସ ଫରିୟାଦୀ ମଜକୁର ଟ ୧୦୮୬ ଙ୍କା ଦାବି କରି ତୁମ୍ଭ ନାମରେ ଏ ଅଦାଲତରେ ନାଲିସ ରୁଜୁ କରିଅଛି, ତୁମ୍ଭଙ୍କୁ ଏଥିରେ ହୁକୁମ ଦିଆ ଯାଉଅଛି କି ଫରିୟାଦୀ ମଜକୁରର ନାଲିସର ଜବାବ ଦେବା ନିମନ୍ତେ ତୁମ୍ଭେ ସନ ୧୮୭୨ ସାଲ ଅପ୍ରେଲ ମାସ ତା ୧୦ ରିଖରେ ଏ ଅଦାଲତରେ ଖୋଦ ହାଜର ହେବ, କିମ୍ବା ଯେଉଁ ମୋଖତାର ଉକ୍ତ ବିଷୟର ମର୍ମ ନିକେ ଜାଣି ଥାଏ, ତାହାଦ୍ୱାରା ଅଥବା ଯେଉଁ ଲୋକ ସେ କଥାର ମର୍ମ ନିକେ ଜାଣି ଥାଏ, ଏପରି ଲୋକଙ୍କୁ ମୋଖତାର ମଜକୁରର ସଙ୍ଗେ ଦେଇ ମୋଖତାର ଦ୍ୱାରା ହାଜର ହେବ । ପୁନଶ୍ଚ ଫରିୟାଦୀ ଦଲିଲ ଦେଖିବାକୁ ଇଚ୍ଛା କରିଥିବାରୁ ଉକ୍ତ ଦଲିଲ ତୁମ୍ଭେ ଆପଣା ସଙ୍ଗେ ଆଣିବ, ନତୁବା ମୋଖତାର ହାତରେ ପଠାଇବ ଓ ମଧ୍ୟ ଯେଉଁ ଦଲିଲ ଦ୍ୱାରା ତୁମ୍ଭେ ଆପଣା ଜବାବ ସାବୁତ କରିବାକୁ ଚାହ, ତାହା ସବୁ ଆଣିବ କିମ୍ବା ପଠାଇବ, ପୁଣି ତୁମ୍ଭ ତରଫଗୋହାମାନେ ଯେବେ ବିନା ପରୁଆନାରେ ହାଜର ହେବାକୁ ରାଜି ହୁଅନ୍ତି ତେବେ ସେମାନଙ୍କୁ ମଧ୍ୟ ଘେନି ଆସିବ, ଇତି ।

ତା ୨୦ ରିଖ ମାହ ମଇ ସନ ୧୮୭୦ ମସୀହା ।।

SECTION 4.

Specimens of ordinary Oriya Prose and Poetry.

1.—*The Prisoner and the Mice.*

କଏଦୀ ଆଉ ମୂଷାମାନେ ।

ଫ୍ରାନ୍ସ ଦେଶର ରାଜଧାନୀ ପାରି ନଗରରେ ବାସ୍ତିଲ ନାମକ ଗୋଟିଏ କାରାଗାର ଥିଲା । କୌଣସି ଲୋକ ରାଜାଙ୍କ ନିୟମ ବିରୁଦ୍ଧରେ କିଛି କର୍ମ କଲେ ତାହାକୁ ସେହି ଜେଲ ଖାନାରେ ବନ୍ଦ କରି ଯାଏ । ଆପଣା ବନ୍ଧୁବାନ୍ଧବମାନଙ୍କୁ ଦେଖିବା ସକାଶେ ଅଥବା ଆନ କେଉଁଣସି କାରଣରେ ଅନେକ କାଳ ଯାଏଁ ବାହାରକୁ ବାହାର ନାହାନ୍ତି, ଏମନ୍ତ ଅନେକ ବନ୍ଦୀଆନ ସେ ସ୍ଥାନରେ ଥିଲେ । ବନ୍ଦୀଆନଙ୍କ ମଧ୍ୟରେ ଗୋଟିଏ ଲୋକ ଥିଲା ତାହାର ନାମ ଲେଟୁଦ । ଲେଟୁଦ ଯେତେବେଳେ ବନ୍ଦୀ ହେଲା ସେତେବେଳେ ତାହାର ତେଇଶ ବରଷ ବୟଃକ୍ରମ ହୋଇଥିଲା । ଆଉ ସେ ପଇଁତିରିଶ ବରଷ ଯାଏଁ କଏଦ ଥିବାରୁ ତେଣୁ ସେ ମୁକ୍ତ ହେବା ସମୟରେ ବୃଦ୍ଧ ହୋଇଥିଲା । ଦୁଃଖୀ ଲେଟୁଦ ବାସ୍ତିଲ କାରାଗାର ମଧ୍ୟରେ ଗୋଟିଏ କ୍ଷୁଦ୍ର କୁଠରୀ ମଧ୍ୟରେ ବନ୍ଦ ଥାଏ । ଆଉ ଯେଉଁ ଲୋକ ତାହାକୁ ଖାଦ୍ୟଦ୍ରବ୍ୟ ଦେବାକୁ ଯାଏ ତାହାବିନୁ ସେ ଆନ କାହାକୁ ଦେଖିବାକୁ ପାଏ ନାହିଁ । ଏଥିକୁ ଲେଟୁଦ ଅତି ଦୁଃଖିତ ଥିଲା ଯେଣୁ କି ସ୍ୱଜାତିୟ ସଙ୍ଗରେ ମିଳିତ ହୋଇ ରହିବା ମନୁଷ୍ୟ ଜାତିର ସ୍ୱାଭାବିକ ଧର୍ମ ଅଟେ, ଏଣୁ ଯେଉଁ୨ ଲୋକ ସ୍ୱଜାତିୟ ସଙ୍ଗ ନ ପାଏ ସେ ସେ ଅଧିକ ଦୁଃଖରେ ଜୀବନ କାଟିବ ଏକଥା ବୋଲିବା ଅଧିକ ଅଟେ ।

ଲେଟୁଦର କୋଠରୀ ଅଧିକ ଅନ୍ଧକାରମୟ ଅଟେ । କେବଳ ମୂଳଦୁଆଠାରୁ ଉପର ଭିତା ଯାଏଁ କାନ୍ଥରେ ଗୋଟାଏ ସଳଖ ଫାଟ ଥିଲା, କେବଳ ସେହି ଫାଟବାଟେ ଘର ମଧ୍ୟରେ ଆଲୁଅ ପ୍ରବେଶ କରଇ । ଦିନକରେ ଲେଟୁଦ ସେହି ଫାଙ୍କ ଆଡ଼କୁ ଅନାଇ ବସିଅଛି, ଏମନ୍ତ ସମୟରେ ସେଇ ବାହାର ଆଡ଼ୁ ଗୋଟାଏ ମୂଷାକୁ ଆସିବାକୁ ଦେଖିଲା । ମନୁଷ୍ୟମାନେ ପ୍ରାୟ ମୂଷାକୁ ଅତି ଘୃଣା କରନ୍ତି, ନିକଟକୁ ଆସିବାକୁ ନ ଦିଅନ୍ତି । ମାତ୍ର ଲେଟୁଦ ପାଖରେ କୌଣସି ପ୍ରାଣୀ ନ ଥିବାରୁ ସେ, ମୂଷାକୁ ତାହା, ପାଖରେ ଦେଖିବାକୁ ଇଚ୍ଛା କଲା । ମୂଷା ଯେମନ୍ତ ଡରି୨ ପଳାଇ ନ ଯାଏ ଏଥିପାଇଁ ସେ ଥରେ ଥରେ ମୂଷାପାଖକୁ ଖଣ୍ଡିଏ ରୋଟୀ ଫୋପାଡ଼ି ଦେଲା । ମୂଷା ଆସି ସେହି ରୋଟୀ ଖଣ୍ଡକୁ ଖାଇ ଆହୁରି ମାଗିବାର ପ୍ରାଏ ଅନାଇଲା । ଲେଟୁଦ ଆନନ୍ଦ ଆଉ କିଛି ପାଖକୁ ଆଉ ଖଣ୍ଡିଏ ସାନ ଗୋଟା

ଫୋପାଡ଼ି ଦେଲ, ମୂଷା ତାହା ମଧ୍ୟ ଖାଇଲା । ଆଉ କିଛି କାଳରେ ଆହୁରି ଖଣ୍ଡିଏ ସୁଦ୍ଧା ପକାଇ ଦେଲ, ମୂଷା ତାହା ମଧ୍ୟ ସାହସ କରି ଆସି ଖାଇଲା । ଏହି ପରି ଲେଟ୍ଟୁଦ୍ର ଯେତେବେଳ ଯାଏଁ ରୋଟୀ ପକାଇଲା ସେତେବେଳ ଯାଏଁ ମୂଷା ସେହି ସ୍ଥାନରେ ରହିଲା ମାତ୍ର ରୋଟୀ ପକାଇବା ବନ୍ଦ ହେବାରୁ ମୂଷା ବାକୀ ଅଇଁଠା ରୋଟୀ ଯାକ ମୁହଁରେ ଧେନ ଆପଣା ବିଲକୁ ଚାଲି ଗଲା । ଆରଦିନ ମୂଷା ଦେଖା ଦେଲା ପୁଣି ଲେଟ୍ଟୁଦ ଆଜଦିନ ପରି କେତେ ଖଣ୍ଡ ରୋଟୀ ତାହା ଆଡ଼କୁ ଫୋପାଡ଼ି ଦେଲା, ମଧ୍ୟ ଖଣ୍ଡିଏ ମାଉଁସ ଦିଅନ୍ତେ ମୂଷା ତାହା ସୁସ୍ୱାଦୁ ମଣି ଖାଇ ପକାଇଲା । ତୃତୀୟ ଦିନରେ ମୂଷା ଏମନ୍ତ ପୋଷ ମଣିଲା ଯେ ସେ ଆସି ଲେଟ୍ଟୁଦର ହାତରୁ ରୋଟୀ ଖାଇଲା । ପଞ୍ଚମ ଦିନରେ ମୂଷା ଆପଣା ପୂର୍ବ ବାସସ୍ଥାନ ବିଲ ଛାଡ଼ି ଦେଇ ତାଙ୍କ ନିକଟରେ ଥିବା ଗାତରେ ରହିଲା, ଏଥିକୁ ବୋଧ ହୁଏ ତାହାର ଉପକାରକ ମନୁଷ୍ୟ ବନ୍ଧୁଠାରୁ ଦୂରରେ ରହିବାର ଇଚ୍ଛା ହେଲା ନାହିଁ ।

ଷଷ୍ଠ ଦିନ ସକାଳେ ଲେଟ୍ଟୁଦଠାରୁ ରୋଟୀ ଖାଇ ଚାଲି ଗଲା ମାତ୍ର ସେଇ ଦିନ ଆଉ ଫେରି ନ ଆସିଲା । ତହିଁ ଆର ଦିନ ସେ ସାଙ୍ଗରେ ଆଉ ଗୋଟାଏ ମୂଷା ଘେନି ଆସିଲା; ନୂଆଟା ମାଇମୂଷା ଅଟେ, ମାଇମୂଷାଟା ଅନେକ ଦିନ ଯାଏଁ ଗାତ ମଧ୍ୟରେ ରହିଲା କେବଳ ଲେଟ୍ଟୁଦକୁ ଭୟରେ କଣାଇ କଣାଇ ଅନାଉଥାଏ, ସାହାସ କରି ବାହାର ବାହାରେ ନାହିଁ କେବଳ ଲେଟ୍ଟୁଦ ଗାତ ପାଖକୁ ଯାହା ଫୋପାଡ଼ି ଦିଏ ତାହା ଖାଏ ; ମାତ୍ର ଅଣ୍ଡିରା ମୂଷାକୁ ଲେଟ୍ଟୁଦ ପାଖରେ ବସି ଅଧିକ ଖାଉଥିବାର ଦେଖି ସେ ଆଉ ସହି ପାରିଲା ନାହିଁ । ଦିନକରେ ଦୌଡ଼ି ଆସି ଲେଟ୍ଟୁଦଠାରୁ ଖଣ୍ଡିଏ ରୋଟୀ ଝାମ୍ପି ମାରି ଘେନି ପଳାଇଲା, ମାତ୍ର ପଛକେ ଏମନ୍ତ ସାହସ କଲା ଯେ, ଦିନେ ଲେଟ୍ଟୁଦ ପାଖରେ ବସି ଖାଉଥିବା ଅଣ୍ଡିରା ମୂଷାଠାରୁ ଖଣ୍ଡ ଏ ରୋଟୀ ଘେନି ପଳାଇଲା । ମାଇ ମୂଷା ରୋଟୀ ଛଡ଼ାଇ ନେବାରୁ ଅଣ୍ଡିରା ମୂଷା ଗୁହାରି କଲା ପରି ଲେଟ୍ଟୁଦ ମୁଖକୁ ଅନାଇ ରହିଲା, ମାତ୍ର ଲେଟ୍ଟୁଦ ତାହାର ହଜିଲା ରୋଟୀ ପାଲଟେ ଆଉ ଖଣ୍ଡିଏ ରୋଟୀ ଦେବାରୁ ସେ ଲେଟ୍ଟୁଦ ପାଖରେ ଦର୍ପ କରି ବସି ଖାଇଲା । ଏମନ୍ତ ଆପଣା ରକ୍ଷାକର୍ତ୍ତା ନିକଟରେ ଥିବାରୁ ମାଇମୂଷା ଆଉ ଛଡାଇ ନେଇ ପାରିବ ନାହିଁ,ଏଥିପ୍ରକାଶରେ ଦର୍ପ ଚିହ୍ନ ଦେଖା ଗଲା ।

ଏହିରୂପେ କିଛି ଦିନ ଅଣ୍ଡିରା ମୂଷା ଲେଟ୍ଟୁଦ ପାଖରେ ବସି ଖାଉ ଥାଏ ମାଇ-ମୂଷା ମୁଖ ଫେରା ଦେଇ କିଛି ଦୂରରେ ବସି ଥାଏ ; ମାତ୍ର ଅଣ୍ଡିରା ମୂଷା ଲେଟ୍ଟୁଦ ପାଖରେ ବସି ଖାଉଥିବ ତେତେ ଆପେ ଭୁକିଲା ହୋଇ ଦୂରରେ ବସି ଅନାଇ ରହିଥିବ, ଏ କଥା ମାଇମୂଷା ବହୁ ଦିନ ଯାଏଁ ସହି ପାରିଲା ନାହିଁ । ଏଣୁ ଦିନ

କରେ ଲେଟୁଦ ଅଣ୍ଡ୍ରିସ ମୂଷାକୁ ଯେମନ୍ତ ଖଣ୍ଡେ ଘେଣ୍ଟୀ ଦେଲା ମାଇମୂଷା ଦୌଡ଼ି ଆସି ଘେଣ୍ଟୀକୁ ଶକ୍ତ କରି ଧରିଲା ଓ ବିଲ ଆଡ଼କୁ ଓଠାରୁ ନେଇ ଗଲା; ଏହି ରୂପେ ଦୁଇଟା ମୂଷା ଗଡ଼ାଗଡ଼ି *ହୋଇ ବିଲ ଭିତରକୁ ଗଲେ । ତାହା ଦେଖି ଲେଟୁଦ ଏମନ୍ତ ଆନନ୍ଦିତ ହେଲା ଯେ ସେ କିଛି କ୍ଷଣ ସକାଶେ ଆପଣାର ବର୍ତ୍ତମାନ ଅବସ୍ଥା ଭୁଲି ଗଲା ।

ତହିଁରେ ଅଳ୍ପଦିନ ଉତ୍ତାରେ ମାଇ ମୂଷା ଅଣ୍ଡ୍ରିସ ପରି ଲେଟୁଦ ହାତରୁ ଘେଣ୍ଟୀ ନେଇ ଖାଇବାକୁ ଲାଗିଲା । ଏଉତ୍ତାରୁ ତୃତୀୟ ମୂଷା ଦେଖା ଗଲା, ଏହି ମୂଷା କିଛି ସାହସୀ ଥିବାରୁ ଶୀଘ୍ର ପୋଷ ମଣି ଯାଇ ଆନ ମୂଷାମାନଙ୍କ ପରି ଶୀଘ୍ର ଲେଟୁଦ ହାତରୁ ଖାଦ୍ୟ ନେଇ ଖାଇବାକୁ ଲାଗିଲା । ଏ ନୂଆ ଅତିଥି କିଛି ଦିନ ଉତ୍ତାରେ ଆଉ ଗୋଟାଏ ମୂଷା ଆଣିଲା, ସେ ମଧ୍ୟ ଶୀଘ୍ର ପୋଷ ମଣି ଗଲା । କିଛି ଦିନ ଉତ୍ତାରେ ଆହୁରି ପାଞ୍ଚ ଗୋଟା ଆସିଲେ; ଏହି ପରି ଚଉଦ ଦିନ ମଧ୍ୟରେ ଲେଟୁଦ ପାଖରେ ଦଶ ବଡ଼ ମୂଷା ଉପସ୍ଥିତ ହେଲେ । ଏତେ-ବେଳେ ଲେଟୁଦ ସେମାନଙ୍କୁ ଗୋଟିଏ ଗୋଟିଏ ନାମ ଦେଲା, ସେ ଯେତେବେଳେ ଯେଉଁ ମୂଷାକୁ ନାମ ଧରି ଡାକେ ତେତେବେଳେ ସେହି ମୂଷା ଆପଣା ନାମ ବୁଝି ପାରି ତାହା ପାଖକୁ ଯାଏ । କେତେ ଦିନ ଯାଏଁ ସବୁ ମୂଷା ଲେଟୁଦ ବାସନରେ ଖାଉଥିଲେ, ମାତ୍ର ସେମାନେ ଖାଇବାବେଳେ ଏକକୁ ଆରେକ କଜିଆ କରିବାରୁ ଲେଟୁଦ ସେମାନଙ୍କୁ ଗୋଟିଏ ୨ ଅଲଗା ବାସନ ଦେଲା । ମୂଷାମାନେ ଘେଣ୍ଟୀ ଖାଇବାବେଳେ କୁକୁର ପରି ଆନନ୍ଦ ପ୍ରକାଶ କରନ୍ତି ଓ ଖାଇ ସାରିଲେ ଲେଟୁଦର ଗୃହ ପାଖରେ ଘେରି ନାଚନ୍ତି । ଏହି ପରି ଲେଟୁଦ ଏହି ଆଶ୍ଚର୍ଯ୍ୟ ପିଲାମାନଙ୍କ ନୃତ୍ୟରେ ଏମନ୍ତ ଆନନ୍ଦିତ ଥିଲା ଯେ ସେ ପ୍ରାୟ ଆପଣାର ଅବସ୍ଥା ଭୁଲି ଯାଇ ଥିଲା, ଆଉ ମୁକ୍ତି ଲାଭ କରିବାକୁ ତାହାର ଇଚ୍ଛା ନ ହେଲା । କାରଣ ପୃଥିବୀରେ ସେ ଅନେକ ଜଞ୍ଜାଳ ଭୋଗି ଥିଲା; ମାତ୍ର ଦୁର୍ଭାଗ୍ୟ ଲୋକଙ୍କ ସୁଖ କେଉଁଠାରେ ? ହତଭାଗ୍ୟ ଲେଟୁଦକୁ ଏହି ନିର୍ଦ୍ଦୋଷ ଲୀଳାର ସୁଖ ଅଧିକ ଦିନ ଭୋଗ କରିବାକୁ ନ ହେଲା; କାରଣ ୨ ବରଷ ଗଲା ଉତ୍ତାରେ କାରାଧ୍ୟକ୍ଷ ଲେଟୁଦକୁ ଆନ ଏକ କୋଠରୀରେ ସ୍ଥାନ ଦେଲା, ମାତ୍ର ତାହାର ବିନୋଦ ପିଲାମାନେ ତାହା ସାଙ୍ଗରେ ଯାଇ ପାରିଲେ ନାହିଁ । ଏଥିକୁ ଲେଟୁଦ ଅନେକ କ୍ରନ୍ଦନ କଲା, ଆଉ ତାହାର ଜୀବନର ଅବଶିଷ୍ଟ କାଲ କ୍ରନ୍ଦନ ଓ ବିଳାପରେ ଅତିବାହିତ ହେଲା ।

2.—*The two Friends.*

ବନ୍ଧୁତାର ପରିଚୟ ।

କୌଣସି ଦେଶରେ ଦୁଇ ଜଣ ଲୋକ ଥିଲେ, ସେମାନଙ୍କ ମଧ୍ୟରେ ଏକକୁ ଆରେକ ଅତ୍ୟନ୍ତ ପ୍ରଣୟ ଥିଲା; ସେମାନଙ୍କ ମଧ୍ୟରେ ଏମନ୍ତ ପ୍ରଣୟ ଥିଲା ଯେ ଜଣକ ଉପରେ ବିପଦ ପଡ଼ିଲେ ଆନ ଜଣ ଆପଣା ଉପରେ ବିପଦ ପଡ଼ିଲା ପରି ମଣୁଥିଲା । ସୁଖ ଭୋଗ ବିଷୟରେ ମଧ୍ୟ ଏକକୁ ଆରେକ ଭୋଗିଥିଲେ ।

ଏକ ସମୟରେ ଦୁଇ ବନ୍ଧୁ ମଧ୍ୟରୁ ଜଣେ କୌଣସି ଦୋଷରେ ପଡ଼ିବାରୁ ସେହି ଦେଶର ରାଜା ତାହାର ପ୍ରାଣଦଣ୍ଡ ନିମନ୍ତେ ଆଜ୍ଞା ଦିଅନ୍ତି । ଦୋଷୀ ଦଣ୍ଡର କିଛି ଦିନ ପୂର୍ବରେ ଆପଣା ପରିବାରର ଲୋକମାନଙ୍କୁ ଦେଖିବା ସକାଶ ରାଜାଙ୍କ ନିକଟରେ ପ୍ରାର୍ଥନା କଲା । ଦୋଷୀର ବାସନା ପୂରଣ କରିବା ସକାଶ ରାଜାଙ୍କର ଇଚ୍ଛା ନ ଥିଲା, ମାତ୍ର ପ୍ରାର୍ଥନାକାରିର ପ୍ରାର୍ଥନା ଅଗ୍ରାହ୍ୟ କରିବା ଅନ୍ୟାୟ ମଣି କହିଲେ, " ଦଣ୍ଡ ସମୟରେ ତୁ ଉପସ୍ଥିତ ନ ହେଲେ ତୋହର ବଦଳରେ ପ୍ରାଣ ଦେଇ ପାରେ ଏମନ୍ତ ଲୋକକୁ ଜାମୀନ ଦେଲେ ତୁ ଛୁଟୀ ପାଇ ପାରିବୁ ।" ରାଜାଙ୍କ କଥା ସମାପ୍ତ ହୁଅନ୍ତେ ଦୋଷୀର ବନ୍ଧୁ । ଅଗ୍ରସର ହୋଇ କହିଲା; "ମହାରାଜ ,ଆପଣଙ୍କ ହୁକୁମରେ ମୁ ଅଟକ ରହିଲି । ଆପଣ ମୋହର ବନ୍ଧୁଙ୍କୁ ବିଦାୟ ଦେଉନ୍ତୁ, ନିରୁପିତ ସମୟରେ ସେ ଯଦି ଫେରି ନ ଆସିବ ତେବେ· ମୁ ତାହାଙ୍କ ସକାଶ ଦଣ୍ଡ ଭୋଗିବି ।"

ରାଜା ସେଥିରେ କୌଣସି ଆପତ୍ତି ନ କରି ଦୋଷୀକୁ ବିଦାୟ ଦେଲେ । ଦୋଷୀ ସହଜରେ ଆପଣା ଘରକୁ ଯାଇ ପାରିଲା ।

ଦଣ୍ଡର ଦିନ ଉପସ୍ଥିତ ହେଲା. ସମୟ ମଧ୍ୟ ଉପସ୍ଥିତ, ଦେଶର ଅନେକ ଲୋକ କୌତୁକ ଦେଖିବା ସକାଶ ଉପସ୍ଥିତ ହେଲେ । ତେତେବେଳେ ରାଜା ବିଚାର କଲେ ଏହି ଲୋକର ଅବଶ୍ୟ କୌଣସି ଗୁପ୍ତ ସ୍ୱାର୍ଥ ଅଛି, ଯେହେତୁକ ସ୍ୱାର୍ଥ ଶୂନ୍ୟ ଲୋକ ପ୍ରାୟ ପୃଥିବୀରେ ଦେଖାଯାନ୍ତି ନାହିଁ; ନତୁବା ଏ ଲୋକ କିପାଇ ଆପଣାର ପ୍ରିୟତମ ଜୀବନ ଦେବା ସକାଶ ପ୍ରସ୍ତୁତ ହେଲା? ଏହାର ଆଉ କୌଣସି ହେତୁ ଦେଖୁ ନାହୁଁ । ଏହି କଥା ବିଚାରି ରାଜ ପ୍ରକାଶରୂପେ ସେହି ଲୋକକୁ ପଚାରିଲେ । "ଆରେ! ତୁ କିପାଁ ଆନ ଜଣ ସକାଶ ପ୍ରାଣ ଦେଉଅଛୁ? ତୋର ଏଥିରେ କି ସ୍ୱାର୍ଥ ଅଛି?" ତେତେବେଳେ ସେହି ଦଣ୍ଡଗ୍ରହଣଇଚ୍ଛାକାରୀ କହିଲା, "ମହାରାଜ ମୋହର ଜୀବନରୁ ମୋହର ବନ୍ଧୁର ଜୀବନ ବହୁମୂଲ୍ୟ ଏବଂ ମୁ ବନ୍ଧୁର ଜୀବନ ରକ୍ଷା ସକାଶ ଅନେକ ଚେଷ୍ଟା କରୁଅଛି, ମାତ୍ର ଯେ ପର୍ଯ୍ୟନ୍ତ

ମୋହର ପ୍ରାଣଦଣ୍ଡ ନ ହେଉଅଛୁ ସେ ପର୍ଯ୍ୟନ୍ତ ବନ୍ଧୁର ଜୀବନ ରକ୍ଷା ବିଷୟରେ ମୋର ସନ୍ଦେହ ଅଛି । ଯଦି ମୋହର ବଦଳରେ ମୋହର ବନ୍ଧୁର ପ୍ରାଣ ବିନାଶ ହୁଏ, ତେବେ ମୋ ଜୀବନ ଥିବାରେ କି ଲାଭ ? କାରଣ ବନ୍ଧୁହୀନ ଜୀବନ ଓ ସୂର୍ଯ୍ୟହୀନ ଜଗତ ସମାନ ଅଟେ । ଯଦି ବନ୍ଧୁର ପ୍ରାଣ ନାଶ ହୁଏ ତେବେ ମୋହର ଅସାର ଜୀବନ ବିଳାପ ଓ ମନସ୍ତାପରେ କ୍ରମେ୨ ବିନାଶ ପାଇବ ; ତାହାଠାରୁ ଏକାବେଳକେ ବିନାଶ ପାଇବା ସମ୍ପୂର୍ଣ୍ଣରୂପେ ଉଚିତ ।” ଏହି କଥାବାର୍ତ୍ତା ହେଉଁ୨ ପ୍ରକୃତ ଦୋଷୀ ଉପସ୍ଥିତ ହେଲା ; ଆଉ ଅତି ବ୍ୟସ୍ତ ହୋଇ ଆପଣା ବନ୍ଧୁଠାରୁ କ୍ଷମା ପ୍ରାର୍ଥନା କଲା । ବୋଲିଲା “ମୋହର ଆସିବାକୁ ବିଳମ୍ବ ହୋଇଅଛି କ୍ଷମା କରନ୍ତୁ । ଆଉ ରାଜାଙ୍କ ଆଡ଼କୁ ମୁଖ ଫେରାଇ ଆପଣାର ଦଣ୍ଡ ପ୍ରାର୍ଥନା କଲା । ମାତ୍ର ରାଜା କହିଲେ “ଆମ୍ଭେ ତୁମ୍ଭମାନଙ୍କର ଅକୃତ୍ରିମ ପ୍ରଣୟ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲୁଁ, ଏତେବେଳେ ଆମ୍ଭେ କାହାର ଜୀବନ ହରଣ କରିବାକୁ ଇଚ୍ଛା କରୁ ନାହୁଁ ; ଯାଅ ପରମସୁଖରେ ଦୁଇ ଜଣ ବାସ କର ।

3.—*Courage of the Virtuous.*

ଧାର୍ମିକର ସାହସ ।

ମୋଗଲ ସମ୍ରାଟ ଆରଙ୍ଗଜେବ ଅତ୍ୟନ୍ତ ମୁସଲମାନ ଧର୍ମାନୁରାଗୀ ଥିଲେ । ତେଣୁ ଅନ୍ୟାନ୍ୟ ଧର୍ମ ପ୍ରତି ତାହାଙ୍କ ଅତ୍ୟନ୍ତ ବିଦ୍ୱେଷ ଥିଲା । ବିଶେଷରେ ସେ ହିନ୍ଦୁ ଧର୍ମ ପ୍ରତି ଅତ୍ୟନ୍ତ ଅତ୍ୟାଚାର କରି ଯାଇ ଅଛନ୍ତି । ଭାରତଭୂମିରେ ମୋଗଲ ସାମ୍ରାଜ୍ୟ ବିନାଶର (ଆରଙ୍ଗଜୀବଙ୍କ ଧର୍ମ ପ୍ରତି ହସ୍ତକ୍ଷେପ କରିବା) ମୂଳୀଭୂତ କାରଣ ଅଟେ । ସେ ଯାହା ହେଉ ତାହାଙ୍କର ଅଧିକାର ସମୟରେ ଦିଲ୍ଲୀ ସମୀପରେ ଏକ ସମ୍ପ୍ରଦାୟ ଲୋକ ବାସ କରୁଥିଲେ, ସେମାନଙ୍କର ନାମ ସତ୍ୟରାମୀ, ସତ୍ୟରାମୀମାନଙ୍କ ମତରେ ଏକମାତ୍ର ଅଦ୍ୱିତୀୟ ସର୍ବବ୍ୟାପି ପରମେଶ୍ୱର ମନୁଷ୍ୟ-ମାନଙ୍କର ଉପାସ୍ୟ ଦେବତା । ତାହାଙ୍କର ପ୍ରତିମୂର୍ତ୍ତି ବା ତାହାଙ୍କର ନାମରେ ଅନ୍ୟ ଲୋକର ଉପାସନା କରିବା ଅନୁଚିତ । ଏହିମତ ହିନ୍ଦୁଧର୍ମର ବିରୋଧୀ ନୁହଇ କିନ୍ତୁ ସତ୍ୟଧର୍ମ ବିଦ୍ୱେଷୀ ମୁସଲମାନମାନଙ୍କର ଅପ୍ରିୟ ଥିଲା । ଘଟନାକ୍ରମେ ସତ୍ୟରାମୀମାନେ ସମ୍ରାଟଙ୍କ କୋପଦୃଷ୍ଟିରେ ପଡ଼ିବାରୁ ସେ (ସମ୍ରାଟ) ସେମାନଙ୍କୁ ବଧ କରି ସେମାନଙ୍କ ପ୍ରଧାନ ସତ୍ୟରାମୀଙ୍କୁ ଧରି ଆଣି ଆରଙ୍ଗଜେବ ତାହାଙ୍କୁ ମହମ୍ମଦୀୟ ଧର୍ମ ଗ୍ରହଣ କରିବାକୁ ଆଦେଶ କରନ୍ତି ଓ ମହମ୍ମଦୀୟ ଧର୍ମ ଗ୍ରହଣ ନ କଲେ ପ୍ରାଣ ବଧ କରା ଯିବ, ଏହି ଭୟ ଦେଖାଇବାରୁ ସତ୍ୟରାମୀ ପ୍ରଧାନ ଏହିକଥା କହିଥିଲା । ଯଥା,

“ମୋତେ କି ନ ଚିହ୍ନୁରେ ତୁହି ।
କାହାଗେ କରୁଛୁ ବଡ଼ାଇ ॥
ସତ୍ୟ ତୁ ଅଛୁ ବଳିୟାର ।
ରତ୍ନରେ ପୂର୍ଣ୍ଣ ତୋ ଭଣ୍ଡାର ॥
ସଭ୍ୟ ଭାରତ ପ୍ରଜାଗଣ ।
ପଶିଣ ଅଛନ୍ତି ଶରଣ ॥
ସତ ଚଳିଲେ ତୋ ସେନାନୀ ।
କମ୍ପିଣ ଉଠଇ ମେଦନୀ ॥
ପଶ୍ଚିମ ସୀମାରେ ଦ୍ୱାରକା ।
ଦକ୍ଷିଣେ ସ୍ଥିତ କୁମାରିକା ॥
ପୂର୍ବ ସୀମାରେ ମଣି ପୁର ॥
ଉତ୍ତରେ ହିମବାନ ଗିରି ।
ଏହି ସୀମାରେ ହିନ୍ଦୁସ୍ଥାନ ।
ଅଟେ ତୋ ଶାସନ ଅଧୀନ ॥
ଏଥିପାଇଁ କି ଅଭିମାନ ।
କରୁଛୁରେ ଅଧମ ଯବନ ॥
ଏସବୁ ମିଛ ଖେଳ ଘର ।
ଚକ୍ଷୁ ବୁଜିଲେ ଅନ୍ଧକାର ॥
ସଂସାରେ ବିଦ୍ୟା ଯଶ ଧନ ।
ଅଳପ ଦିନର କାରଣ ॥
ଏଥି ଯେ କରେ ଅହଙ୍କାର ।
ସେ ଅଟେ ନିର୍ବୋଧ ପାମର ॥
ଶୁଣରେ ଅଜ୍ଞାନ ଯବନ ।
ମନୁ ତୁ ଛାଡ଼ ଅଭିମାନ ॥
ଅନାଦି ପ୍ରଭୁ ଭଗବାନ ।
ଯାହାର ଜଗତ ନିର୍ମାଣ ॥
ଜଗତେ ଯେତେ ଲୋକଛନ୍ତି ।
ସଭିଙ୍କୁ ସେ ସମ ଦେଖନ୍ତି ॥
ପ୍ରବଳ ରାଜା ରାଜ ଛତ୍ର ।
ରଖିଥିଲର ଆଡ଼ ପତ୍ର ॥
ନୁହେଁ ହୋଇବେ ଏକସ୍ଥାନ ।”

"ଅବଶ୍ୟ ଯିବେ ମନେ ଘେନ ॥
ଆରେରେ ଚଣ୍ଡାଳ ପାମର ।
ମିଛକୁ କରୁ ଅହଙ୍କାର ॥
ବଡ଼ ମଣିଣ ଆପଣାକୁ ।
ମିଛରେ ଡରୁଅ କାହାକୁ ॥
ଅନାଦି ଅନନ୍ତ ଈଶ୍ୱର ।
ପ୍ରଭୁଙ୍କଠାରେ ଚିତ୍ତ ଯାର ॥
ସେ କରେ ତୋତରେ ଡରିବ ।
ତାର କି ଅଛି ପରାଭବ ॥
ବନ୍ଧନ ବୋଲୁ ଅଛୁ ମୋତେ ।
ତୋରରେ କାହିଁ ସାଧ୍ୟ ଏତେ ॥
ଖଣ୍ଡିଣ ପାରୁ ତୁ ଶରୀର ।
ସେଥିରେ କିବା କ୍ଷତି ମୋର ॥
ପଞ୍ଚଭୂତେ ଦେହ ନିର୍ମାଣ ।
ପଞ୍ଚଭୂତରେ ହେବ ଲୀନ ॥
ଅବଶ୍ୟ ଦିନକେ ହୁଅନ୍ତା ।
ଆଜରେ ହେଲେ କିବା ଚିନ୍ତା ॥
ଛାଡିଲୁ ତୁମ୍ଭଙ୍କ ଶରୀର ।
ମୋ ଆଗେ କଲୁ ଧୂଳିସାର ॥
ପ୍ରାଣୁ ଅଧିକ ପ୍ରିୟତମ ।
ଭାରଯା ନନ୍ଦମୀ ନନ୍ଦନ ॥
ମୋ ଆଗେ କରଲେ ନିଧନ ।
ତୋର ରାକ୍ଷସ ସେନାଗଣ ॥
ସେ ବରୁ ଏଦେହ ସହିଲା ।
ତଥିଁ ଲୋତେକ ନ ପଡ଼ିଲା ॥
ଏବେ ତୁ ମୋର ଦେହ ପିଣ୍ଡ ।
ଖଡ୍ଗରେ କର ଖଣ୍ଡ ଖଣ୍ଡ ॥
ଅବା ଅନଳେ ଦଗ୍ଧ କର ।
ଅଥବା ବୁଡ଼ାଅ ଜଳର ॥
ସେଥିରେ ମୁହିଁ ନ ଡରଇଁ ।
ମିଛେ ଡରୁଅ କାହିଁ ପାଇଁ ॥"

" ଯାହାକୁ ବୋଲୁ ଶୁଦ୍ଧ ଧର୍ମ
ସେ ଅଟେ ପାପର ନିଦାନ ||
ଯହିଁରେ ଅଛି ପ୍ରାଣୀ ହିଂସା ।
ସେ ଅଟେ କିଁସାଇ ବ୍ୟବସା ||
ନିର୍ମଳ ପବିତ୍ର ଯେ ଧର୍ମ ।
ସେଥି କି ଥାଏ ହିଂସା କର୍ମ ||
ଯା ଇଚ୍ଛା କରରେ ଯବନ ।
କେବେ ନ ଛାଡ଼େ ସତ୍ୟଧର୍ମ ||"

4.—*Dispute between Gold and the small seeds used in weighing it.*

ସୁବର୍ଣ୍ଣ ସହିତ ଗୁଞ୍ଜାର ବିବାଦ ।

କାଇଞ୍ଚ କହଇ ଶୁଣ କନକ ମୋ କଥା ।
ଗରବ ନ କର ମନେ ମୁହିଁ ରହେଁ ଯଥା ||
ମାଟିରୁ ଜନମ ତୋର ଅଟଇ କନକ ।
କମାର ଶାଳର ଲୋହା ତୋହର ଜନକ ||
ହୀନ ବଂଶେ ଜନମ ତୋର ଅଟୁ ନୀଚ ଜାତି ।
କି ଲାଗି ମହୀରେ ତୋର ଏଡ଼େ ବଡ଼ ଖ୍ୟାତି ||
ସ୍ୱାଭାବିକ ଶୋଭା ତୋର ନୁହଇ ଯେ ଗୁରୁ ।
ସୁନାର କରଇ ତୋତେ ପୋଡ଼ି ପିଟିକାରୁ ||
ତେବେହେଁ ହେଉ ତୁ ମ୍ଳାନ ଶାଣର ମଳିରେ ।
କି ଜାଣି ହୁଅନ୍ତୁ କିବା ପଡ଼ିଲେ ଧୋଳିରେ ||
ଦେଖ ମୋ ତନୁର ଶୋଭା କି ପରି ସୁନ୍ଦର ।
ତରୁଣ ଅରୁଣ କାନ୍ତି ଲଭେ ଅନାଦର ||
ଆବର କଜ୍ଜଳ ପରି ଶୀର ଶୋଭାକର ।
ତହିଁ ପରେ ଧୋବ ଟିଭା କେମନ୍ତ ସୁନ୍ଦର ||
କନକ, ଜାଣରେ ମୋର ତୁଲ୍ୟ କେହି ନାହିଁ ।
ମୃତ୍ତିକାରେ ପଡ଼ିଥିଲେ ଲୋକେ ରହେ ଚାହିଁ ||
ତେଣୁକରି ସମାଦର ପୃଥ୍ୱୀରେ ମୋର ।

ଜାଣି ଶୁଣି ସ୍ୱର୍ଣ୍ଣ-କଣାଁ ଅହଂକାର ତୋର ॥
ଗୁଞ୍ଜା କଥା ଶୁଣି ସ୍ୱର୍ଣ୍ଣ ଅଳପ ହସିଲା ।
ଶ୍ରେଷ୍ଠ ମୁଖେ-ବଡ଼ କଥା ହୋଇଣ ବୋଇଲା ॥
କାଇଁଚ, ତୁ ହୀନ ଜାତି ଅଛୁରେ ସଂସାରେ ।
ଶବର ଶବରୀ ଛୁଡ଼ି କେ ତୋତେ ପଚ୍ଛରେ ॥
ଅଲୋଡ଼ ଜନସ ତୁରେ ପଡ଼ୁ ଅସ୍ଥାନରେ ।
ଅନାଦରେ କରି ଲୋକେ ମାଡ଼ନ୍ତି ଗୋଡ଼ରେ ॥
ନ ଲାଗୁ ଦେବତା ଦେହେ ନ ଲାଗୁ ବେଶରେ ।
ମୋ ଲାଗି ତୋହର ମାନ୍ୟ ହୁଏ ପୃଥିବୀରେ ॥
ଏକ ପାହାରରେ ହେଉ ଶୀଘ୍ର ଛାରଖାର ।
ବଡ଼ ପାଖେ ବସି ତୋର ଗାରିମା ଅପାର ॥
କଦଳୀ ପଟୁଆ ପରି ତୋହର ମହିମା ।
ସ୍ୱର୍ଣ୍ଣ ଯୋଗୁଁ ଦେବ ଶୀରେ ବସିଣ ଗାରିମା ॥
ସେହି ପରି ଗୁଞ୍ଜା ତୋର ଅଟେ ମନ ଜାଣ ।
ମୋ ସାଙ୍ଗରେ ହେଉ ତୁଲ ଏଥି ଲାଗି ଖ୍ୟାତ ॥
ଏହା ଶୁଣି ଗୁଞ୍ଜା ଫଳ ଚମକି ଉଠିଲା ।
ନ ସହି ତାହାର କଥା ସ୍ୱର୍ଣ୍ଣକୁ ନିନ୍ଦିଲା ॥
ସ୍ୱାଭାବିକ ଶୋଭା ତୋର ଉତ୍ତମ ନୁହଇ ।
ତେଣୁ କରି ସ୍ୱର୍ଣ୍ଣକାର ଅଗ୍ନିରେ ଦହଇ ॥
ଥରେ ପୋଡ଼େ ଥରେ ପିଟେ ପୁନରପି ଦହେ ।
ଟାଙ୍ଗଣା ଲବଣ'ଲାଗି ତୋର ଦେହ ରହେ ॥
ଲାଜ ତୋର ନାହିଁ ସ୍ୱର୍ଣ୍ଣ ଏତେ ମାଡ଼ ଖାଉ ।
ବହ୍ନି ଦାହେ ଲୋହା ମାଡ଼େ କ୍ଷୀଣ ହୋଇଯାଉ ॥
ଅଲାଜୁକ ହୋଇ ତୁରେ ଫେରି କଥା କହୁ ।
ଏତେ ବଡ଼ ଅପମାନ ତୁହି ବୋଲି ସହୁ ॥
ପ୍ରହାର ନ ସହେଁ ବୋଲି ଯାହା ତୁ ନିନ୍ଦିଲୁ ।
ପ୍ରଶଂସାର କଥା ତୁହି କନକ କହିଲୁ ॥
ଉତ୍ତମ ଲୋକର ଅଟେ ଏହିତ ବେଭାର ।
ଅପମାନ ନ ସହି ସେ ହୁଏ ଛାରଖାର ॥
ଏହା ଶୁଣି କନକ କାଇଁଚକୁ କହେ ।
ହୀନ ଜାତି ସଙ୍ଗେ କଥା ପରଶ ନ ସହେ ॥

ଶରୀର ଅଟଇ ଶୁଦ୍ଧ ମୋହର ସଂସାରେ ।
ସବୁଠାରୁ ଶ୍ରେଷ୍ଠ ମୁହିଁ ଲାଗଇ ବେଭାରେ ॥
ତେବେଂ ଯେ ପୋଡ଼ଇ ମୋତେ ସ୍ୱର୍ଣ୍ଣକାର ନେଇ ।
ତାହାର ମରମ କଥା ଶୁଣ ମନ ଦେଇ ॥
କାଇଞ୍ଚ ଅଟଇ ହୀନ ଜାଣଇ ବେଭାରେ ।
ତାହା ସଙ୍ଗେ ସ୍ୱର୍ଣ୍ଣକାର ତୁଲେ ମୋତେ ଭାରେ ॥
ତେଣୁକରି ହୁଏ ମନ ପୋଡ଼ି ମୁ ମରବ ।
ଲୋହାର ପ୍ରହାରେ ମୁହିଁ କ୍ଷୀଣ ହୋଇଥିବ ॥
ସୁବର୍ଣ୍ଣ କାଇଞ୍ଚ ବାଦ ବିଚର ମନରେ ।
କିପାଁଇ କନକ ବଡ଼ ହେଲା ଜଗତରେ ॥
ସ୍ୱର୍ଣ୍ଣକୁ ଜାଣଇ ଗୁଞ୍ଜା ସୁନାରପଣରେ ।
ଅମୀବୃତ ହେଲା କିପାଁ ବିଚର ମନରେ ॥
ସୁଲଭ ଅଟଇ ଗୁଞ୍ଜା ପୃଥିବୀ ଭିତରେ ।
ତେଣୁକରି ଲୋକେ ତାକୁ ଅନାଦର କରେ ॥
ଦୁର୍ଲଭ୍ୟ ଅଟଇ ସୁନା ସବୁ କାଳେ ଜାଣ ।
ସେଥିପାଁଇ ବଡ଼ ସୁନା ଗୁଞ୍ଜା ସାନ ଜାଣ ॥

5.—*The Leaves of the Tree.*

ବୃକ୍ଷ--ପତ୍ର ।

କହଇ ମନୀଷୀ ମନେ ବିଚର ।
ସଂସାରୀ ସଂସାରେ ସ୍ଥିତ ସୁମର ।
ଅନାଇ ରସାଳ ପଲ୍ଲଶମାନ ।
ଖେଦେ ଭାଷଇ କରି ସମ୍ବୋଧନ ।

ପଲାଶ ।

ତରୁ ଶିର ନିବାସୀ
କିପାଁଇ ଲୁଟୁଛୁ ଭୂମିରେ ଆସି ॥ ୧ ॥

ଯେତେବେଳେ ନବୀନ ଶରୀର ।
ସୁରଙ୍ଗ ଥିଲୁ ସମା ଅଧର ।
ପ୍ରବାଳ ଅନଳେ ପଡ଼ ଲା ଯାଇ ।
ତୋ ସୁଷମା ସମ ଲଭିବା ପାଁଇ ।

ଶ୍ୟାମଳ ।
ଦୁର୍ବାଚ୍ଛାଦନ ଗିରି ।
ଯୁବାକାଳେ ଖେଳୁ ଈପ୍ସିତେ ହରି ॥ ୨ ॥

ଅସି ଶାଖାରେ ବିହଙ୍ଗନିକର ।
ଶୁଣାଉଥିଲେ ମନୋହର ସ୍ୱର ।
ଅମିୟ ବରଷା ପରି ବରଷି ।
ହିମାଂଶୁ ହିମ ଅଂଶୁ ଦାନେ ତୋଷି ।
ସମୀର
କରୁଥିଲା ବ୍ୟଜନ ।
ଦାସ ସେବେ ଯେହ୍ନେ ଲଭି ବେତନ ॥ ୩ ॥

ରବିକର ଡରେ ହୋଇ ଅସ୍ଥିର ।
ଭରସା କଲେ ପଥିକ ନିକର ।
ରଖିଥିଲୁ ତା ଆବରଣ କରି ।
ସୂର୍ଯ୍ୟ କିରଣ ନ ପାରିଲା ଧରି ।
ମଣିତେ ।
ଛାୟା ଚନ୍ଦ୍ର ତନନ ।
ବନ୍ଦନ କରି ଗଲେ ନିଜ ସ୍ଥାନ ॥ ୪ ॥

ଏବେ ଦେଖି ଧୂଳି ଧୂସର ବେଶ ।
ମୁଁ ମନେ ହେଉଛି ଅତି କାତର ।
ଚରମ କାଳ ହେଲେ ଉପଗତ ।
ମୁଁ ହେବି ସିନା ଏରୂପ ଲୁଣ୍ଠିତ ।
ହୋଇବ ।
ଭୂମି ତଳ ବିହାରୀ ।
ଅଭ୍ରଭେଦ୍ୟ କେବା କାହାକୁ ପଚ୍ଚର ॥ ୫ ॥

ଯେଉଁ କାଳେ ବିକସିତ ସାରସ ।
ସୁରସେ ଭମର କରେ ମୁଁ ଆଶ ।
ଶ୍ରମ କରେ ତନୁ କ୍ଷୀଣ ତାହାର ।
ଧନେ ନ ରସେ ରସିକ ଭ୍ରମର ।

ପଳାଶ ।
ସେହିରୂପେ ସମ୍ପଦ ।
ବିନାଶରେ ହୁଏ ଏକଡ଼ ବିପଦ ॥ ୬ ॥

ଯେଉଁ ପଥିକ କରୁଥିଲେ ମାନ୍ୟ ।
ସେ କରୁଅଛନ୍ତି ପାଦେ ମର୍ଦ୍ଦନ ।
କାହିଁ ଗଲେ ସେହି ବିହଙ୍ଗ ବଂଶ ।
କାହିଁ ତାଙ୍କ ବାଣୀଛଣା ପୀୟୂଷ ।
ଖୋଜିଲେ ।
ତାହା ପାଇବ ନାହିଁ ।
ଚମ୍ପା କୁସୁମେ କି ଭ୍ରମର ବାଇ ॥ ୭ ॥

ପଲ୍‌ବ ତୋର ଅବସ୍ଥା ଅନାଇ ।
ସୁମତି ସୁଶିକ୍ଷା ପାଇଲି ମୁହିଁ ।
ନ ରହିବ ସଦା ଧନ ଯୌବନ ।
ନ ରହିବ ସଦା ଏ ସନମାନ ।
ଅବଶ୍ୟ
ଧନେ ବିନାଶ ହେବ ।
ସୁକୃତ ଜନଙ୍କ ଯଶ ରହିବ ॥ ୮ ॥

6.—*To-day and Tomorrow.*

(Fourteen-syllabled verse).

ପୟାର *

ଆଜି ସଖେ ଧନ ଗର୍ବେ ମନୁଷ୍ୟ ଜୀବତ ।
କାଲି ସୁଖ ଧନ ଅବା ଜୀବନ ବର୍ଜିତ ॥
ଅଜ ବନ୍ଧୁ ବରସାର୍ଥେ କଳଣା କରନ୍ତି ।
କାଲି ନସେଲ ଶ୍ମଶାନେ ତାକୁ ବନ୍ଧୁ ନ୍ୟନ୍ତି ॥

* A very popular metre.

ଆଜ ନାନାଦ୍ଧ ସୁପକ୍ୱ ଭୋଜନ ସେ ଖାନ୍ତି ।
କାଲି ତାର ନିଜ ଦେହ ପୋକେ ଖାଇ ଯାନ୍ତି ॥
ଅଜ ନାନା ରଙ୍ଗ ନୁଗା ପିନ୍ଧନ୍ତି ସୁନ୍ଦର ।
କାଲି ଚିତାବସ୍ତ୍ର ପିନ୍ଧି ମାଟି ଶେଜ ତାର ॥
ଆଜ ବଡ଼ ୨ ଗୃହେ ସୁଖରେ ବସନ୍ତି ।
କାଲି ସାନ ସମାଧିରେ ବନ୍ଦ ହୋଇ ଥାନ୍ତି ॥
ଆଜ ତାର ଗୁଣ କର୍ମ ଲୁହାଲୁହି ହୋନ୍ତି ।
କାଲି ତାର ନାମସୁଦ୍ଧା ସବୁ ପାସୋରନ୍ତି ॥
ଆଜ ତାର ସୁବଦନ ସର୍ବ ପ୍ରଶଂସିତ ।
କାଲି ତାର ମୃତ ଶବ ସମସ୍ତେ ଘୃଣିତ ॥
ଆଜ ସ୍ୱର୍ଗ ଭରସା ମିଥ୍ୟାରେ ସେ ରଖନ୍ତି ।
କାଲି ପ୍ରାଣ ଦ୍ୱନ ଗଲେ ବୃଥାରେ କାନ୍ଦନ୍ତି ॥
ଆଜ ନିଶ୍ଚିନ୍ତେ ସୁଖରେ ସମୟ କାଟନ୍ତି ।
କାଲି ମହା ଶୋକେ ହତାଶାରେ ସେ ମରନ୍ତି

7.—*Specimen of nine-syllabled verse.*

ନବାକ୍ଷର * ।

ଶୁଣ ଶୁଣ ହେ ବନ୍ଧୁଗଣ । ଏକାନ୍ତେ କରି ଦୃଢ଼ ମନ ॥
ସତ୍ୟ ଧର୍ମରେ ହେଲେ ମତି । ଖଣ୍ଡେ ପାପ ଭୋଗ ଦୁର୍ଗତି ॥
ଜନ୍ମ ହୁଅନ୍ତି ଯେତେ ଲୋକେ । ମରନ୍ତି ସବୁ ଏକେ ଏକେ ॥
ଶତେ ବିଂଶତି ପରମାଣ । ଜୀବର ପରମାୟୁ ଜାଣ ॥
ହେଲେ ଆୟୁଷ ବହୁ ଦୀର୍ଘ । ଏଥୁ ଅଧିକ ନୋହେ ଭୋଗ
ଅଦ୍ୟ କିଅବା ଦିନାନ୍ତରେ । କିଅବା ଆବର ବର୍ଷରେ ॥
ଅବଶ୍ୟ ମରଣ ହୋଇବ । ସକଳେ ମନେ ଜାଣି ଥିବ ॥
ଇହ ଲୋକରେ ଅଳ୍ପକାଳ । ରହନ୍ତି ମନୁଷ୍ୟ ସକଳ ॥
ଅପାର ସ୍ଥିତି ପରକାଳେ । ନ ଜନ୍ମ ମୃତ୍ୟୁ ଆଉ ବେଳେ
ସ୍ୱର୍ଗେ ଅନନ୍ତ କାଳ ସ୍ଥିତି । ଅଥବା ନରକେ ବସତି ॥

* This also is a very popular metre.

ନଷ୍ଟ ହୁଅଇ ପ୍ରାଣିଙ୍କର । ନ ଜନ୍ମ ମରଣ ଆବର ॥
ଦେଖ ଏ ପାପ ଭୋଗ ଘୋର । ନାହି ଏହାର ପାରିବାର ॥
ତହିଁରେ ମଜଲେଠୀ ଯାଇ । କେବେ ନସ୍ତାର ଆଉ ନାହିଁ ॥
ଘୋର ନରକ ଦୁଃଖ ସିନ୍ଧୁ । ତହିଁରେ ନାହିଁ ଯାଇ ବନ୍ଧୁ ॥
